ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ମାସିକ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

୫

ନଭେମ୍ବର ୨୦୧୩ ସଂସ୍କରଣ

ମା ଓ ମମତା

ଘୋଡ଼ା ନାଚ

ପ୍ରଥମ ପ୍ରେମ

ଟଙ୍କା ବଗିଚା

ଧିକ୍ ଏ ନାରୀ ଜୀବନ

ଏ ଦୁନିଆ ବଗିଚାରେ

ମୃତ୍ୟୁ ସହ କଲି ବୁଝାମଣା

ଖେଳନା ନୁହଇ ନାରୀ

ମୁଁ ଗାଉଛି ତୁମପାଇଁ

ବାବୁଭାଇଙ୍କ ନିଜକଥା

ତୁତୁଲର ବଡ଼ ହାତୀ

ପ୍ଲାଟଫର୍ମର ଗୋଟିଏ ରାତି

ଉଦ୍‌ଘାଟନ

'ଆହ୍ୱାନ'ରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖାଗୁଡ଼ିକୁ ହିଁ କପିରାଇଟର ବ୍ୟବସ୍ଥାରେ ଚୟନ କରାଯାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ, ଯେତେବେଳଯାଏଁ କୌଣସି ସୂଚନା କିମ୍ବା ନିର୍ଦ୍ଦେଶ ଦିଆଯାଇନାହିଁ । ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣ ମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଏକ ଅପରାଧ । ଦୟାକରି ଏହି ବିଷୟ ପ୍ରତି ବିଶେଷ ଧ୍ୟାନ ଦେବେ । ଲେଖକମାନେ ଚାହିଁଲେ ନିଜ ଲେଖାର ପ୍ରଚାର ହେତୁ ସେମାନଙ୍କ ଲେଖା ପ୍ରକାଶିତ ହୋଇଥିବା ପୃଷ୍ଠାମାନଙ୍କ ପ୍ରତିଛବି ଗଣମାଧ୍ୟମରେ / ଇଣ୍ଟରନେଟରେ ଦେଇ ପାରିବେ ।

# ସମ୍ପାଦକୀୟ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଆହ୍ବାନର ଚଳିତ ସଂସ୍କରଣ ଆପଣ ମାନଙ୍କୁ ଟେକିଦେବା ସମୟରେ ବିଗତ ମାସରେ ସଂସ୍କରଣ ପ୍ରକାଶିତ ନ କରିପାରିବାର ଦୁଃଖ ମୋତେ ରହିଛି ଏବଂ ଏଥିପାଇଁ ଆହ୍ବାନର ସମସ୍ତ ପାଠକ ପାଠିକା ମାନଙ୍କ ନିକଟରେ ମୁଁ କ୍ଷମାପ୍ରାର୍ଥୀ | ଶାରଦୀୟ ସମାରୋହ ସମୟରେ ନୂଆ କିଛି ପଠନଯୋଗ୍ୟ ଜିନିଷ ଉପହାର ଦେବାର ଦୁର୍ବାର କାମନାକୁ ମହାବାତ୍ୟା ଫାଇଲିନ୍ ଧୁଳିସାତ୍ କରିଦେଇଗଲା | ଏହି ମହାବାତ୍ୟା ସମୁଦାୟ ଉତ୍କଳୀୟ ଭୂଖଣ୍ଡରେ ଅନେକ ଧ୍ବଂସଲୀଳା କରିଲା | ସେହି ମହାବାତ୍ୟାରୁ ଜାତ ଦୁଃଖଦୁର୍ଦ୍ଦଶା ଉତ୍କଳୀୟ ପ୍ରାଣକୁ ଆଗାମୀ ଅନେକ ବର୍ଷଧରି ଆନ୍ଦୋଳିତ କରୁଥିବ | ଫାଇଲିନର ସ୍ମୃତିକୁ ଉଦ୍‌ଜୀବିତ କରିବା ପାଇଁ ବାତ୍ୟା ସମୟରେ କିଛି ଘଟଣା ଓ ଦୁର୍ଘଟଣାକୁ ଏଠାରେ ଉପସ୍ଥାପନ କରୁଛି | ଏହିପରେ ଅନେକ ଅନୁଭୂତି ଆପଣ ମାନଙ୍କର ବି ହୋଇଥାଇପାରେ | ସେ ଭିତରୁ କିଛି ମାନସପଟକୁ ଆନ୍ଦୋଳିତ କରିଛି, କିଛି ଦୁଃଖ ଦେଇଛି, କିଛି କୌତୁହଳ ସୃଷ୍ଟି କରିଛି | ସେ ସବୁର ହିସାବ ହେଉଛି ଆହ୍ବାନର ଚଳିତ ସଂସ୍କରଣର ସମ୍ପାଦକୀୟର ମୁଖ୍ୟ ଉପାଦାନ |

ମହାବାତ୍ୟାର ଭୟ

୧୯୯୯ ମସିହା ଦଶହରା ସମୟରେ ଓଡ଼ିଶାରେ ହୋଇଥିବା ମହାବାତ୍ୟାରେ ଅଜସ୍ର ଧନହାନୀ ସହିତ ଅସଂଖ୍ୟ ମନୁଷ୍ୟ ଓ ପଶୁଙ୍କ ପାଇଁ କାଳ ହୋଇଥିଲା | ଯେତେବେଳେ ଚଳିତ ବର୍ଷ ମହାବାତ୍ୟା କଥା ଉଠିଥିଲା ସମସ୍ତେ ଅନୁରୂପ ଡରି ଯାଇଥିଲେ | ଅବସ୍ଥା ଏମିତି ଥିଲା ଯେ ବାତ୍ୟା ହେବାର ଅନେକ ପୂର୍ବରୁ ବଜାରରୁ ମହମବତୀ, କିରୋସିନି, ଖାଇବା ତେଲ, ଅଟା, ପନିପରିବା ଆଦି ହଜିଯାଇଥିଲା | ମନୁଷ୍ୟ ମନର ଭୟକୁ ନେଇ ବ୍ୟବସାୟ କରିଥିଲେ ଅନେକ ଲାଭଖୋର ବ୍ୟବସାୟୀ | ଯାହା ଅତ୍ୟନ୍ତ ଦୁଃଖଦ | ପୂର୍ବରୁ ଦଶ ଟଙ୍କାରେ ମିଳୁଥିବା ମହମବତୀ ଏହି ସମୟରେ ଦୁଇଗୁଣା ଦାମରେ ବିକ୍ରୀ ହେଲା | ଆଳୁ ହଠାତ୍ କୋଡ଼ିଏ ଟଙ୍କା ଓ ପିଆଜ ଷାଠିଏ ହୋଇଗଲା |

ରିଲିଫ୍ ଭେଳିକି

ଖବର କାଗଜରେ ବାରମ୍ବାର ପଢ଼ିବାକୁ ମିଳୁଥିଲା ଯେ ସରକାର ସତର୍କ ଅଛନ୍ତି, ୧ ୨ ତାରିଖ ବାତ୍ୟା ସରିବାପରେ ୧୩ ତାରିଖ ସକାଳୁ ଆକାଶରୁ ରିଲିଫ୍ ଆକାରରେ ଖାଦ୍ୟପୁଡିଆ ଆଦି ପଦାର୍ଥ ପକାଯିବ | ରାତାରାତି ନଅ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଥିଲା, ଯାହା ଏକ ସର୍ବକାଳୀନ ରେକର୍ଡ | ଏହିପରି କାର୍ଯ୍ୟ ଇତିହାସରେ ବିରଳ ବୋଲି ବିଦେଶର ସମ୍ବାଦପତ୍ର ଓ ସରକାରମାନେ ଓଡ଼ିଶା ସରକାରଙ୍କ ଭୁରି ଭୁରି ପ୍ରଶଂସା କରିଥିଲେ | ଏବଂ ଏଥିପାଇଁ ଚଳିତ ବର୍ଷର ମହାବାତ୍ୟାରେ ଅଧିକ ଜନହାନି ହୋଇନଥିଲା |

ରିଲିଫ୍ ଭେଳିକି ଆହୁରି ଅଧିକ ନାଟକ ହୋଇଥିଲା | ପ୍ରଥମେ ବାତ୍ୟା ପ୍ରପୀଡ଼ିତଙ୍କୁ ପଚାଶ କିଲୋ ଚାଉଳ ଓ ପାଞ୍ଚଶ' ଟଙ୍କା ଦେବା ଘୋଷଣା ସରକାରୀ ଭାବରେ କରିବାପରେ ରିଲିଫ୍ ପାଇବା ପାଇଁ ଲୋକଙ୍କ ଭିଡ଼ ପ୍ରବଳ ହୋଇଥିଲା | ଗୋଟିଏ ଗୋଟିଏ ପରିବାରର କିଛି ଲୋକ ସ୍ବାମୀ, ସ୍ତ୍ରୀ, ପୁଅ, ଝିଅ ସମସ୍ତେ ଅଲଗା ଅଲଗା ରହୁଥିବା କଥା ଦେଖାଇ ଏକାଥରେ ଚାରି ଚାରିଥର ରିଲିଫ୍ ବୋଲି ନେଇଥିଲେ | ଯେଉଁ ଅଞ୍ଚଳର କର୍ପୋରେଟର୍ ଯେତେ ପାରିବାର ଥିଲେ ସେ ନିଜ ଅଞ୍ଚଳକୁ ସେତେ ଶୀଘ୍ର ରିଲିଫ୍ ସାମଗ୍ରୀ ଆଣି ଯୋଗାଇ ଦେଇଥିଲେ | ଆଉ ଅନେକ ଅଞ୍ଚଳରେ ରିଲିଫ୍ କଣ ଦେଖିବାକୁ ମିଳିଲା ନାହିଁ | ଭଡ଼ାଟିଆ ମାନେ ବାତ୍ୟା ପ୍ରପୀଡ଼ିତ ନୁହନ୍ତି, କାରଣ ସେମାନେ ଭୋଟ୍ ଦେଇନାହାନ୍ତି ବୋଲି ଶୁଣିବାକୁ ମିଳିଲା | ଗୋଟିଏ ଗୋଟିଏ ଗାଁରେ ଜନସଂଖ୍ୟାରୁ ଅଧିକ ସଂଖ୍ୟକ ରିଲିଫ୍ ସାମଗ୍ରୀ ବଣ୍ଟନ ହୋଇଥିଲା ବେଳେ କିନ୍ତୁ ଅନେକ ଲୋକଙ୍କୁ ରିଲିଫ୍ ନ ମିଳିଥିବାରୁ ଲୋକମାନେ ରାସ୍ତାରେ ଓହ୍ଲାଇ ଆନ୍ଦୋଳନ କରିବା ପର୍ଯ୍ୟନ୍ତ କଥା ଯାଇଥିଲା |

ମହାବାତ୍ୟା ଯେତେବେଳେ ଓଡ଼ିଶା ଉପକୂଳ ଛୁଇଁଥିଲା ସେତେବେଳକୁ ଆକାଶ ମେଘାଛନ୍ନ ଥିଲା ଏବଂ ଚାରିଆଡ଼େ ଅନ୍ଧାରଥିଲା, ସକାଳ ହେଉ ହେଉ ସମୁଦାୟ ଦକ୍ଷିଣ ଓଡ଼ିଶାର ଭୂଗୋଳ ବୃକ୍ଷବିହୀନ ହୋଇ ସାରିଥିଲା | ବ୍ରହ୍ମପୁର ସହର ସମେତ ଜିଲ୍ଲାର ସମସ୍ତ ସ୍ଥାନରେ ବହୁସଂଖ୍ୟାରେ ଗଛ ଉପୁଡ଼ି ପଡ଼ିଥିଲା କିମ୍ବା ଶ୍ରୀହୀନ ହୋଇ ପଡ଼ିଥିଲା | ଅଜସ୍ର ଘରଦ୍ବାର ଭାଙ୍ଗିପଡ଼ିଥିଲା, ସମୁଦ୍ର ଉପକୂଳର ଅନେକ ଗାଁ ସମ୍ପୂର୍ଣ୍ଣଭାବରେ ନିଶ୍ଚିହ୍ନ ହୋଇଯାଇଥିଲେ | ଏହି ସମୟରେ ରିଲିଫ୍ ଆଶାରେ ଆକାଶକୁ ଚାହିଁ ରହିଥିଲେ ଅନେକ,

କିନ୍ତୁ ଆମକୁ କୋଉଠି ହେଲିକପ୍ଟର ଉଡୁଥିବାର ଦେଖା ଯାଇନଥିଲା | ରିଲିଫ୍ କେମିତି ଦିଆଯାଇଥିଲା ତାହା ବୋଧହୁଏ ଭଗବାନ ଜାଣିଥିବେ |

ମୋବାଇଲ୍ ଚାର୍ଜ ଚିନ୍ତା

ବାତ୍ୟା ପରେ ପରେ ଅନେକ ଅଞ୍ଚଳ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇରହିବା ଫଳରେ ଜୀବନଯାତ୍ରା ଅଚଳ ହୋଇଗଲା | ବିଦ୍ୟୁତ୍ ବିଭ୍ରାଟ ହେତୁ ସନ୍ଧ୍ୟାପରେ ସମ୍ପୂର୍ଣ୍ଣ ସହର ଅନ୍ଧକାରମୟ ହୋଇଯିବାର ଦେଖାଯାଇଥିଲା | ଅବଶ୍ୟ ଏହି ସମୟରେ ଅନେକ ଲୋକଙ୍କ ଚିନ୍ତାର କାରଣ କିନ୍ତୁ ଥିଲା ଭିନ୍ନ | ମୋବାଇଲକୁ କେମିତି ଚାର୍ଜ କରିବେ ! ଲୋକଙ୍କ ଅସହାୟତାର ସୁଯୋଗ ନେଇ କିଛି ବ୍ୟବସାୟୀ ମୋବାଇଲ୍ ଚାର୍ଜ କରିବାପାଇଁ ଘଣ୍ଟାକୁ କୋଡ଼ିଏରୁ ତିରିଶି ଟଙ୍କା ଲେଖାଏଁ ଦାବୀ କରୁଥିବା ଦେଖା ଦେଇଥିଲା | କୌଣସି ପ୍ରାକୃତିକ ବିପର୍ଯ୍ୟୟପରେ ଲୋକଙ୍କ ପ୍ରଥମ ଚିନ୍ତା ଖାଦ୍ୟ ଏବଂ ପରେ ରହିବା ପାଇଁ ବ୍ୟବସ୍ଥା ହୋଇ ଆସୁଥିବା ବେଳେ ଚଳିତ ବାତ୍ୟାପରେ ଲାଗିଲା ସତେ ଯେମିତି ଲୋକଙ୍କ ପ୍ରଥମ ଚିନ୍ତା ଥିଲା ମୋବାଇଲ୍ ଓ ଲାପଟପକୁ ଚାର୍ଜ କରିବା | ବାତ୍ୟାପରେ ଚାରିଦିନପରେ ହଠାତ୍ ଦିନେ ସହରର ପ୍ରମୁଖ କମାପଲ୍ଲୀ ଛକରେ ଜନବହୁଳତା ଦେଖି ପାଖକୁ ଯାଇ କାରଣ ବୁଝିବା ପାଇଁ ଚେଷ୍ଟା କରିବା ବେଳେ ଜଣାପଡ଼ିଥିଲା ଯେ ରିଲାଏନସ୍ ମୋବାଇଲ୍ ତରଫରୁ ମୋବାଇଲ୍ ଚାର୍ଜ କରାଯାଉଛି | ଅନ୍ୟୁନ ଶତାଧିକ ମୋବାଇଲ୍ ସେ ଦିନ ଚାର୍ଜ୍ ହୋଇଥିଲା | ଏହାପରେ ଅବଶ୍ୟ ଅନ୍ୟ ସଂସ୍ଥା ମାନଙ୍କ ତରଫରୁ ଅନୁରୂପ ସେବା ଯୋଗାଇ ଦିଆଗଲା |

ବାତ୍ୟା ପରେ ବ୍ରହ୍ମପୁର ସହରର ସମସ୍ତ ରାସ୍ତା ଉନ୍ମୁକ୍ତ ହେବାକୁ ୨୪ ଘଣ୍ଟାରୁ ଅଧିକ ସମୟ ଲାଗିଗଲା | ସହରର ବର୍ଯ୍ୟଜଳ ନିଷ୍କାସନ କରୁଥିବା ଦୁଇଟି ମୁଖ୍ୟ ନାଳ ବାହାନା ନାଳ ଓ ସାପୁଆ ନାଳରେ ଜଳାଧିକ ହେତୁ ରାସ୍ତାଘାଟରେ ବନ୍ୟାଜଳ ପ୍ରବାହିତ ହେବାକୁ ଲାଗିଥିଲା | ବାତ୍ୟାପରେ ସହର ଭିତରକୁ ପ୍ରବେଶ କଲାବେଳେ ଲାଗୁଥିଲା ସତେ କି ଆମ ସହର ସମ୍ପୂର୍ଣ୍ଣ ବଦଳି ଯାଇଛି | ବଡ଼ବଡ଼ ଗଛ ଯେତେ ସବୁ ଥିଲା ସବୁ ଆଉ ନଥିଲା | ମୋବାଇଲ୍ ଟାୱାର ସବୁ ମୋଡ଼ିମାଡ଼ି ହୋଇ ପଡ଼ିଥିଲେ | ବ୍ରହ୍ମପୁର ସହରର ପ୍ରମୁଖ ଚିହ୍ନ ଥିବା ମାଇକ୍ରୋୱେଭ୍ ଟାୱାର୍ ଧରାଶାୟୀ ହୋଇପଡ଼ିଥିଲା | ରେଳୱେ

ଷ୍ଟେସନର ଛାତ ସମେତ ଅଧିକାଂଶ ଅଂଶ ଉଡ଼ିଯାଇଥିଲା | ସମସ୍ତ ଅନୁଷ୍ଠାନ, ଅଫିସ ଓ ଶିକ୍ଷାନୁଷ୍ଠାନର କାନ୍ଥ ଭାଙ୍ଗିପଡ଼ିଥିଲା | ଦେଖିଲା ବେଳେ ଆଖିରେ ଲୁହ ଆସିଯାଉଥିଲା |

ବାତ୍ୟାପରେ ବିଦ୍ୟୁତ ବ୍ୟବସ୍ଥା

ବାତ୍ୟାରେ ସର୍ବାଧିକ ନଷ୍ଟ ହୋଇଥିବା ବିଦ୍ୟୁତ ସେବାକୁ ସ୍ବାଭାବିକ କରିବାପାଇଁ ବିଦ୍ୟୁତ ବିଭାଗର ତତ୍ପରତାକୁ ନେଇ ଅନେକ କୌତୁହଳପୂର୍ଣ୍ଣ ଖବର ଶୁଣିବାକୁ ମିଳୁଥିଲା | କେହି କହୁଥିଲା ଯେ ଏଥର ବିଦ୍ୟୁତ ବିଭାଗ ସମ୍ପୂର୍ଣ୍ଣ ସଜାଗ ଅଛନ୍ତି, ସପ୍ତାହକ ଭିତରେ ସହରର ସମସ୍ତ ବିଦ୍ୟୁତ ବ୍ୟବସ୍ଥା ଠିକ୍ କରିଦେବେ | ମୁଖ୍ୟମନ୍ତ୍ରୀ କହିଲେ ଛତିଶି ଘଣ୍ଟାରେ ଆସିବ, ବିଭାଗୀୟ ମନ୍ତ୍ରୀ କହିଲେ ତିନିଦିନରେ ଆସିବ, ମୁଖ୍ୟଯନ୍ତ୍ରୀ କହିଲେ ସାତଦିନରେ ଆସିବ | କିନ୍ତୁ ସାତଦିନ ବେଳକୁ କେବଳ ବଡ଼ ମେଡ଼ିକାଲକୁ ବିଦ୍ୟୁତ ଯୋଗାଣ ହୋଇପାରିଥିଲା | ବର୍ତ୍ତମାନ ସୁଦ୍ଧା ସହରର ସମସ୍ତ ଅଞ୍ଚଳକୁ ବିଦ୍ୟୁତ ସଂଯୋଗ ହୋଇନାହିଁ | ସହରତଳି ଅଞ୍ଚଳରେ ନୂଆ ନୂଆ ଗଢ଼ି ଉଠିଥିବା ସାହିମାନଙ୍କୁ କେବେ ବିଦ୍ୟୁତ ଦିଆଯିବ ତାହା ଭଗବାନ ଜାଣନ୍ତି | ବିଦ୍ୟୁତ ସଂଯୋଗ ପାଇଁ ବିଭିନ୍ନ ଅଞ୍ଚଳରେ ଜନଆନ୍ଦୋଳନ ଦେଖା ଦେଇଥିଲା | କଥା ଶୁଣାଯାଉଥିଲା ଯେ ଯେଉଁ ଅଞ୍ଚଳରେ ଲୋକ ଯେତେ ସକ୍ରିୟ ସେତେ ଶୀଘ୍ର ସେହି ଅଞ୍ଚଳକୁ ବିଦ୍ୟୁତ ସଂଯୋଗ ମିଳୁଥିଲା | ଅନେକ ଅଞ୍ଚଳରେ ସ୍ଥାନୀୟ ଲୋକମାନେ ନିଜେ କର୍ମସଂସ୍ଥାନ ଯୋଗାଡ଼ କରି ପଡ଼ି ରହିଥିବା ଟ୍ରାନସଫର୍ମରକୁ ଉଠାଇଥିଲେ ଏବଂ ବିଦ୍ୟୁତ କର୍ମଚାରୀଙ୍କୁ ସହାୟତା କରିଥିଲେ |

ଅପହଞ୍ଚ ଜେନେରେଟର୍

ତିରିଶି ବର୍ଷ ତଳେ ଆମେ ନିଜ ଗାଁରେ ରହୁଥିବା ସମୟରେ ବିଜୁଳି ମାନେ ମିଞ୍ଜି ମିଞ୍ଜି ଜଳୁଥିବା ଶହେ ୱାଟର ବଲ୍‌ବ ଓ ଟଣ ଟଣ ଶବ୍ଦ କରୁଥିବା ପଙ୍ଖାକୁ ବୁଝୁଥିଲୁ | ଏହାକୁ କେବଳ ରାତିରେ ଲାଇଟ ଲଗାଇବା ଓ ପଙ୍ଖା ଚଳାଇବା ପାଇଁ ବ୍ୟବହାର କରୁଥିଲୁ | ବେଳେ ବେଳେ ଗାଁ ଦାଣ୍ଡରେ ମାଇକ୍ ବାଜିବାବେଳେ ଏହାର ବ୍ୟବହାର ଦେଖୁଥିଲୁ, ତେଣୁ ବାରମ୍ବାର ବିଦ୍ୟୁତ ବିଭ୍ରାଟ ହେଉଥିଲେ ସୁଦ୍ଧା ଆମେ ଏହାର ଅଭାବ ଅନୁଭବ କରୁନଥିଲୁ | କିନ୍ତୁ ସାମ୍ପ୍ରତିକ ସମୟରେ ଏହା ଉପରେ ଆମେ ଏତେ ନିର୍ଭରଶୀଳ ହୋଇପଡ଼ିଛେ ଯେ

ବିନା ବିଜୁଳିଶକ୍ତିରେ ଘଣ୍ଟାଟିଏ ରହିବା ଆମ ପାଇଁ ଅସମ୍ଭବ ମନେ ହେଉଛି | ବାତ୍ୟା ପରବର୍ତ୍ତୀ ସମୟରେ ଦ୍ବିତଳ ଏବଂ ଉଚ୍ଚ ପ୍ରାସାଦତୁଲ୍ୟ ଘରମାନଙ୍କରେ ରହୁଥିବା ଲୋକମାନେ କୁଅରୁ ପାଣି ବୋହି ନିଜ ଘରକୁ ନେଇ ହାଣ୍ଡିହଣ୍ଡାରେ ଜମା କରୁଥିବା ଦେଖିଲେ ମନ ଦୁଃଖ ହେଉଥିଲା | ଏହି ସମ୍ପାଦକ ସ୍ବୟଂ ଦୁଇ ସପ୍ତାହରୁ ଅଧିକ ସମୟ ଶ୍ରମଦାନ କରି ନିଜେ କୁଅରୁ ପାଣି ବାହାର କରି ପ୍ରଥମ ତଳରେ ରହୁଥିବା ନିଜ ଘରକୁ ଆଣିଛନ୍ତି | ଏହି ପରି ପରିଶ୍ରମ ଦୂରକରିବା ପାଇଁ ବାତ୍ୟା ପରବର୍ତ୍ତୀ ଦ୍ବିତୀୟ ଏବଂ ତୃତୀୟ ଦିନବେଳକୁ ଜେନେରେଟର ଭଡ଼ାରେ ମିଳିବା ଆରମ୍ଭ ହୋଇଗଲା | ସ୍ବାଭାବିକ ସମୟରେ ଦିନକୁ ତିନିଶହରୁ ପାଞ୍ଚଶହରୁ ଟଙ୍କାରେ ଭଡ଼ାରେ ମିଳୁଥିବା ଜେନେରେଟର୍ ଏହି ସମୟରେ ଘଣ୍ଟାକୁ ଛଅ ଶହ ଟଙ୍କାରେ ମିଳିଲା | ତଥାପି ବଡ଼ ଘରେ ରହୁଥିବା ଅନେକ ଲୋକ କେବଳ ନିଜ ଘର ପାଣିଟାଙ୍କିରେ ପାଣି ଉଠେଇବାପାଇଁ ଭଡ଼ାରେ ଆଣିବା ଦେଖାଯାଇଥିଲା | ଅବସ୍ଥା ଏମିତି ହେଲା ଯେ ଜଣେ ଜଣେ ବ୍ୟବସାୟୀ ଏହି ସମୟରେ ଜେନେରେଟର କିଣି ଭଡ଼ା ଦେଇ ତା'ର ମୂଳ ମୂଲ୍ୟର ଦୁଇଗୁଣା ଲାଭ ପାଇଗଲେ | ବ୍ରହ୍ମପୁର ସହରରେ ଏତେ ସଂଖ୍ୟାରେ ଜେନେରେଟର ମିଳି ନ ପାରିବାରୁ ପାରଳାଖେମୁଣ୍ଡି, ବିଶାଖାପାଟଣା ଓ ବିଭିନ୍ନ ସହରରୁ ଅଗଣିତ ଜେନେରେଟର ଆସିଥିଲା | ଲୋକମାନେ ଲୁନା ଏବଂ ଅନ୍ୟ ଗାଡ଼ି ପଛରେ ଧରି ସାହି ସାହି ବୁଲି ଲୋକଙ୍କୁ ସେବା ଦେଇ ବେଶ ପଇସା କମେଇଥିବା ଦେଖାଯାଇଥିଲା |

ଦୋସା, ବରା ଆଉ ଇଡ଼ଲିର ଅଭାବ

ଖାଦ୍ୟପ୍ରିୟ ବ୍ରହ୍ମପୁରବାସୀଙ୍କ ପାଇଁ ଏହି ବାତ୍ୟା ଏକ ଅଭିଶାପପରି ଥିଲା, ଯାହା ଫଳରେ ଅନ୍ୟୁନ ଦୁଇ ସପ୍ତାହ ପର୍ଯ୍ୟନ୍ତ ପାଟିରେ ଦୋସା, ବରା କିମ୍ବା ଇଡ଼ଲି ପଡ଼ିଲା ନାହିଁ | ବାତ୍ୟା ପରେ ଦୁଇ ସପ୍ତାହପରେ ଯେତେବେଳେ ସହରର ଗୋଟିଏ ଅଞ୍ଚଳରେ ବିଦ୍ୟୁତ ସରବରାହ ହେଲା ସେତେବେଳେ କିଛି ହୋଟେଲ ଇଡ଼ଲି, ବରା ଓ ଦୋଷା ବିକ୍ରୀ କରିବା ଆରମ୍ଭ କଲେ | ଅବିଶ୍ବାସ ହେଲେ ବି ସତ, ଅନେକ ଲୋକ ଦୁଇରୁ ତିନିଗୁଣ ଦାମ ଦେଇ ଏହି ସବୁ ଜିନିଷ କିଣି ନେଉଥିଲେ | କମାପଲ୍ଲୀ ଛକରେ ଦୋକାନ କରିଥିବା ଜନୈକ ହୋଟେଲ ମାଲିକ କହିଲେ, ଆଜ୍ଞା ବରା କି ଇଡ଼ଲି ଦରକାର ହେଲେ ସକାଳ ଛଅଟା

ବେଳକୁ ଆସି ଏଠିଥିବେ, ମୁଁ ଆସୁ ଆସୁ ନେଇଯିବେ, ନହେଲେ ମିଳିବନି | ହୋଟେଲ୍ ମାନେ କେବଳ ବେସନରେ ତିଆରି ପକୁଡ଼ି ବିକି ବିକି ବେଶ୍ ପଇସା ପାଇଲେ | ସନ୍ଧ୍ୟା ହେଉ ହେଉ ସାହି ଛକମାନଙ୍କରେ ଏହି ଠେଲାଗାଡ଼ିରେ ବିକ୍ରୀ ହେଉଥିବା ଖାଦ୍ୟପଦାର୍ଥ କିଣିବାପାଇଁ ଏକ ଅବିଶ୍ବସନୀୟ ଭିଡ଼ ଦେଖାଦେଉଥିଲା | ଅନେକ ହୋଟେଲ ବସିକି ଖାଇବା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବରେ ନିଷେଧ କରିଦେଇ କେବଳ ଘର ପାଇଁ ପ୍ୟାକେଟ୍ ଦେଇଥିଲେ, ସେ ବି ପ୍ରତ୍ୟେକ ଜିନିଷରେ ପାଞ୍ଚରୁ ଦଶ ଟଙ୍କା ଅଧିକ ଦାମ ମିଶେଇ | ତଥାପି ସେମାନଙ୍କ ବ୍ୟବସାୟ ଭଲ ଚାଲୁଥିଲା | ସନ୍ଧ୍ୟା ହେଉ ହେଉ ଧାରା ୧୪୪ ପଡ଼ିବାପରି ସହର ରାସ୍ତା ସବୁ ଜନଶୂନ୍ୟ ହୋଇଯାଉଥିଲା | ବାତ୍ୟାପରେ ଫଳମୂଳ, ଓ ପନିପରିବାର ଦାମ ଏମିତି ବଢ଼ିଲା ଯେ ଜଣେ ପରିଚିତ ପରିବା ବ୍ୟବସାୟୀ କହିବା ଶୁଣାଯାଉଥିଲା, ଯେ ପ୍ରତିବର୍ଷ ଏମିତି ବାତ୍ୟା ହୁଅନ୍ତା କି?

ବାତ୍ୟା ପରେ ଦକ୍ଷିଣ ସମସ୍ତ ନଦୀରେ ବଢ଼ି ଆସିଥିଲା ଏବଂ ସେଥିପାଇଁ ବଜାରକୁ ଆବଶ୍ୟକଠାରୁ ଅଧିକ ପରିମାଣର ମାଛ ଆସିଥିଲା | ସାଧାରଣତଃ କିଲୋ ଶହେରୁ ଅଧିକ ଦାମରେ ବିକ୍ରୀ ହେଉଥିବା ମାଛ ତିରିଶିରୁ ପଚାଶ ଟଙ୍କାରେ ବିକ୍ରୀ ହେଉଥିଲା | କାର୍ତ୍ତିକମାସ ହୋଇଥିବାରୁ ଅବଶ୍ୟ ଅନେକ ଲୋକ ସେ ସବୁ ପ୍ରତି ବିତସ୍ପୃହ ଥିଲେ | କୁକୁଡ଼ାମାଂସର ଦାମ ମଧ ହଠାତ୍ କମ ହୋଇଗଲା | କାରଣ ସେ ସବୁକୁ ରକ୍ଷଣାବେକ୍ଷଣ କରିବାକୁ ବିଜୁଳି ନଥିଲା |

ସହରର ମୁଖ୍ୟରାସ୍ତା ଅନ୍ଧକାରାଚ୍ଛନ୍ନ ଥିଲା | କେବଳ ବଜାର ଅଞ୍ଚଳରେ ଆଲୋକର ଉପସ୍ଥିତି ହେତୁ ଅନେକ ଲୋକ ସନ୍ଧ୍ୟା ସମୟରେ ବଜାରରେ ଏବଂ ବିଶେଷ କରି ମଲ୍ ମାନଙ୍କରେ ବୁଲି ବୁଲି ଥଣ୍ଡାପବନ ଖାଉଥିବାର ଦେଖାଯାଇଥିଲା | ଏହି ବାତ୍ୟା ଫଳରେ ଦଶହରା ଏବଂ ପରେ ପରେ କୁମାରପୂର୍ଣ୍ଣିମା ଉତ୍ସବ ଫିକା ହୋଇଯାଇଥିଲା | ଏବଂ ଏହାପରେ ପରେ ଲଗାତାର ବର୍ଷାରେ ପୁଣିଥରେ ଓଡ଼ିଶାବାସୀ ଅତିଷ୍ଠ ହୋଇପଡ଼ିଥିଲେ |

ଏବେ ପୁଣି ଲୋକଙ୍କ ପାଇଁ ବଜାରରେ ପନିପରିବାର ଅଭାବ ଦେଖା ଦେଇଛି | ପଶ୍ଚିମବଙ୍ଗରୁ ଆସୁଥିବା ଆଳୁ ଆସିବା ବନ୍ଦ ହୋଇଯିବାପରେ ଆଳୁ ଦର ଆକାଶ ଛୁଆଁ ହୋଇଯାଇଛି | ଗତକାଲି ବଜାରରେ ଆଳୁ ମିଳୁନଥିଲା | ଅବସ୍ଥା ଏମିତି ଯେ ଗରିବ

ଲୋକମାନେ କଣ ଖାଇବେ ସେ କଥା ଭାବିଲେ ଚିନ୍ତା ହେଉଛି | ପୁଣିଥରେ ଆମେ ଦେଶଜ ଖାଦ୍ୟ ଯଥା, ଦେଶୀ ଆଳୁ, ସାରୁ, ମୂଳା, କନ୍ଦମୂଳ, ବାଇଗଣ, ଆଦି ଉପରେ ନିର୍ଭର କରିବାକୁ ପଡ଼ିଛି | କିନ୍ତୁ ସେ ସବୁ ବି କିଲୋ ଚାଳିଶି ଟଙ୍କାରୁ କମରେ ମିଳୁନାହିଁ | ଏଣେ କାର୍ତ୍ତିକମାସରେ ଶେଷ ସପ୍ତାହ ଆସି ପହଞ୍ଚିଛି, ହବିଷ୍ୟାଳୀ ମାନେ କଣ ଖାଇବେ ତାହା ଭାବି ପାରୁନାହାନ୍ତି |

ସେ ଯା ହେଉ ଏବେ ଅବସ୍ଥା ସାମାନ୍ୟ ହୋଇଆସୁଥିବା ବେଳେ ପୁଣିଥରେ ୧୪ ତାରିଖ ବେଳକୁ ଆଉ ଏକ ଲଘୁଚାପ ଆସୁଥିବା ଖବର ଶୁଣି ପୁଣିଥରେ ମନରେ ଛନକା ପଶିଲାଣି | ଓଡ଼ିଶାକୁ ଯାହା ଦଇବ ସାହା |

ଏହିପରି ଏକ ସମୟରେ ଆହ୍ବାନର ଏହି ସଂସ୍କରଣ ଆପଣ ମାନଙ୍କ ପାଇଁ ଉତ୍ସର୍ଗ କରୁଛି, ଆଶା କରୁଛି ଆପଣମାନେ ଏହାକୁ ପୂର୍ବ ସଂସ୍କରଣ ମାନଙ୍କ ପରି ପଢ଼ିବେ ଓ ଆମୋଦିତ ହେବେ | ଆପଣଙ୍କ ମତାମତ ଆମପାଇଁ ଅତ୍ୟନ୍ତ ଜରୁରୀ | ତେଣୁ ଯଦି କୌଣସି ଲେଖା ଉପରେ ଆପଣ କୌଣସି ମତ ଦେବାକୁ ଚାହାନ୍ତି ତେବେ ନିଶ୍ଚୟ ଆମ ଇମେଲ୍ ଠିକଣା (aahwaan@gmail.com) ରେ ଦେବେ |

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ପ୍ରତିଷ୍ଠାତା-ସମ୍ପାଦକ

# ସୂଚୀପତ୍ର


| | |
|---|---|
| ମା | ୧୧ |
| ସନମ ଦେବୀ | |
| ବଳି | ୧୨ |
| ରଞ୍ଜନ କୁମାର ପାଣିଗ୍ରାହୀ | |
| ସଂହାରକାରିଣୀ ନାରୀ | ୧୪ |
| ରଶ୍ମିରଞ୍ଜନ କର | |
| ପୂଜା ଯେବେ ଆସେ | ୧୫ |
| ସୁବ୍ରତ କୁମାର ପଣ୍ଡା | |
| ମୋ ମା | ୧୬ |
| ଆଦିତ୍ୟ ସାହୁ | |
| ମା ଓ ମମତା | ୧୭ |
| ସୁଧୀର କୁମାର ନାୟକ | |
| ବାର୍ଦ୍ଧକ୍ୟର ପ୍ରତିଧ୍ୱନୀ | ୧୮ |
| ସୂରଜ କୁମାର ମେହେର | |
| ମୁଁ ଗାଉଛି ତୁମ ପାଇଁ | ୧୯ |
| କମଳ କୁମାର ଦାଶ | |
| ମନକଥା | ୨୦ |
| ସତ୍ୟବ୍ରତ ଷଡ଼ଙ୍ଗୀ | |
| ମୃତ୍ୟୁସହ ବୁଝାମଣା | ୨୧ |
| ବନାନୀ ଶତପଥୀ | |
| ଅର୍ଜୁନଙ୍କ ଚିଠି | ୨୨ |
| ଜଗନ୍ନାଥ ରାୟ | |
| ଧିକ୍ ଏ ନାରୀ ଜୀବନ | ୨୫ |
| ବର୍ଷା ପ୍ରିୟଦର୍ଶିନୀ ସାହୁ | |
| ଟଙ୍କା ବଗିଚା | ୨୬ |
| ଡ: କୁଳାଙ୍ଗାର | |
| ଆସ ଏଇ ଡଙ୍ଗାରେ ବାହିନେବି | ୨୭ |
| ହିମାଂଶୁ ପରିଡ଼ା | |
| ପ୍ରଥମ ପ୍ରେମ | ୨୯ |
| ସୁଶାନ୍ତ କୁମାର ନନ୍ଦ | |
| ଏଇ ଆମ ବ୍ରହ୍ମପୁର | ୩୦ |
| ଡା ମେଜର ଗୌରୀପ୍ରସାଦ ମହାପାତ୍ର | |
| ବାବୁ ଭାଇଙ୍କ ନିଜକଥା | ୩୧ |
| ଅରବିନ୍ଦ ଆଚାର୍ଯ୍ୟ | |
| ଡୁଡୁଲ୍‌ର ବଡ଼ ହାତୀ | ୩୭ |
| ବିଦ୍ୟାଧର ପଣ୍ଡା | |
| ପ୍ଲାଟଫର୍ମର ଗୋଟିଏ ରାତି | ୪୩ |
| ସନମ ଦେବୀ | |
| ଉଦ୍‌ଘାଟନ | ୪୬ |
| ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | |
| ଏ ଦୁନିଆର ବଗିଚାରେ | ୫୪ |
| ସୁଷମା ତ୍ରିପାଠୀ | |
| ହନୁମାନଙ୍କ ବୁଦ୍ଧିମତା | ୫୯ |
| ବାଦଲ ମହାରଣା | |
| ଘୋଡ଼ାନାଚ- ଅନନ୍ୟ ପରମ୍ପରା | ୬୩ |
| ରଞ୍ଜନ କୁମାର ପାଣିଗ୍ରାହୀ | |
| ଭଗବାନ ଯାହା କରନ୍ତି | ୬୫ |
| ଫେସବୁକରୁ ଗୃହୀତ | |

# ମା



ସନମ୍ କୁମାରୀ

ଦୁନିଆରେ ଖୁସିଦିନ ଆଜି ତ ଆସିଛି
ମା' ଆଜି ଧରଣୀରେ ପାଦ ଯେ ଥାପିଛି
ଶରତର କାଶତଣ୍ଡୀ ଆଜି ଯେ ହସୁଛି
ମା'କୁ ସୁନାର ଢେଉ ସ୍ୱାଗତ କରୁଛି - ୧

ମା' ପରଶରେ ଧରା ଖୁସିରେ ହସୁଛି
ପୂଜା ମଣ୍ଡପରେ ମା', ଦେଖି ମନ ନାଚୁଛି
କିଏ ବଡ଼ କିଏ ସାନ ଭେଦଭାବ ନାହିଁ
ମା'ପରା ଭାଇ ଭଉଣୀ ପରି ଗଢ଼ିଦେଇଛି - ୨

ମୁଁ ପରା ହୀନ ମୂର୍ଖ, ପୂଜା ଜାଣିନାହିଁ
ଗୀତା, ଭାଗବତ ଶାସ୍ତ୍ର କିଛି ପଢ଼ିନାହିଁ
ତଥାପି କରୁଛି ମା' ତୋତେ ବନ୍ଦନା ମୁଁ ଆଜି
ଦୟାବହି ଘେନ ପ୍ରଣତି ମୋ ମଥା ମୁଁ ଟେକୁଛି - ୩

# ବଳି



ରଞ୍ଜନ କୁମାର ପାଣିଗ୍ରାହୀ

ଦୂର୍ଗା ପୂଜା ଭିଡ଼ ଆଲୋକ ସମ୍ଭାର
କେତେ ମେଢ଼ ଯାନି ଯାତରା,
ଚିକମିକ ରଙ୍ଗ ବାଦ୍ୟ ଯନ୍ତ୍ର ସ୍ୱର
ମା ମୁହଁରେ ହସର ଧାରା|୦୧|

ଦୋକାନ ବଜାର ଚାରିଆଡ଼େ ଭିଡ଼
ସବୁଠି ଆଲୁଅ ରୋଷଣୀ,
ଛୋଟ ପିଲାଙ୍କର କଣ୍ଢେଇରେ ଲୋଭ
ଗୁପଚୁପ ଓ ଖଟାପାଣି|୦୨|

ମେଢ଼ ପରେ ମେଢ଼ ପବିତ୍ର ପାର୍ବଣ
ମାଆ ଯେ ଦୁର୍ଗତି ନାଶିନୀ,
ଜନ ସମୁଦ୍ରରେ ଆଗକୁ ଆଗକୁ
ଯା'ନ୍ତି ମା'ଙ୍କ ଆଶିଷ ଘେନି|୦୩|

ଆଖି ଲାଖିଗଲା ମେଢ଼ଟି ପାଖରେ
ଲୋକଟିଏ ସାଜିଛି ଦାସୀ,
ଚାରିଗୋଟି ବୁଦା ଦୁଇଗୋଟି ଗଞ୍ଜା
ଚାହିଁଛନ୍ତି ମଣ୍ଡନେ ବସି|୦୪|

ମସ୍ତକେ ସିନ୍ଦୂର ବେକେ ଫୁଲ ମାଳ
ବୁଦା, ଗଞ୍ଜାଙ୍କର ଚିତ୍କାର,

ଦାସୀର ଅପେକ୍ଷା ବଳି ପକାଇବ
ତୃଷ୍ଣା ମେଣ୍ଟାଇବ ମାଆର|୦୫|

ବେଳ ରତ ରତ ଖୋଲିଲା ନିର୍ଘଣ୍ଟ
ଆସିଲା ବୁଦା ବଳି ପାଳି,
ତିନି ଜଣ ଲୋକ ବୁଦାକୁ ଧରିଲେ
ଦାସୀ ହେଉଥିଲା ବାଉଳି|୦୬|

ବୁଦାର ମୁହଁଟି ମାଆର ଦିଗକୁ
ଖଣ୍ଡା ଧରି ଆସିଲା ଦାସୀ,
ଗଣ୍ଡିରୁ ମୁଣ୍ଡଟି ଦ୍ବିଖଣ୍ଡ ହୋଇଲା
ଚୋଟଟି ଦେଲା ଯେବେ କଷି|୦୭|

ଧାର ଧାର ରକ୍ତ ଦର୍ଶକ ବିଭୋର
ମୁଣ୍ଡ ଦିଆଗଲା ମାଆକୁ,
ରକ୍ତର ତିଳକ ଲଗାଇ ମୁଣ୍ଡରେ
ରୋଷେଇ କରିଲେ ଗଣ୍ଡିକୁ|୦୮|

ପଶୁ ବଳି ଅର୍ଥ ନ ବୁଝିଲେ କେହି
ଗଲା ନିରୀହଙ୍କ ଜୀବନ,
ନିଜ ଭିତରର ପାଶବିକତାକୁ
ସାଇତି ରଖି ଜଣ ଜଣ|୦୯|

ତୁ ପରା ବୋଲାଉ ମାଆ ଜଗତର
ଏହି କ'ଣ ତୋର ବିଚାର,
କାହିଁକି ଆସୁ ତୁ ବରଷକେ ଥରେ
ଦେଖିବିନି ମୁହଁ ତୋହର|୧୦|

ଧନ୍ୟରେ ମଣିଷ ଧନ୍ୟ ତୋର କର୍ମ
ଶେଷେ ମା'କୁ ବି ନ ଛାଡ଼ିଲୁ,
ଅନ୍ଧ ବିଶ୍ବାସରେ ବନ୍ଧା ହୋଇ ତୁହି
ପାପ ପରେ ପାପ କରିଲୁ|୧୧|

ନିଜ ସଂସ୍କୃତିର ମହାନତା ଆଜି
ହାତରେ ବନ୍ଧା ଯେ ତୋହରି,
କୁସଂସ୍କାର ଛାଡ଼ି ବିଶ୍ବ ଦରବାରେ
ଗାଇବୁ ଗୁଣଟି ତାହାରି|୧୨|

# ସଂହାରକାରିଣୀ ନାରୀ



ରଶ୍ମିରଞ୍ଜନ କର

(ଖେଳନା ମୋ ପାଇଁ ନାରୀ - ଶେଷ ଭାଗ)

ପୁରାଣ ଆମର ପ୍ରମାଣ ରହିଛି
ନାରୀ ସାଥେ ଲାଗେ ଯିଏ,
ନିଜର ବିନାଶ ନିଜର ଅନ୍ତକୁ
ସ୍ବଇଚ୍ଛାରେ ଡାକିନିଏ - ୧

ମନେ ପକାଅ ସେ ମହାଭରତର
ବୀର କୌରବଙ୍କ ଗାଥା
ଦ୍ରୌପଦୀର ଚୀର ନହରି ଥିଲେ କି
ବଂଶ ତାଙ୍କ ବୁଡ଼ିଥାନ୍ତା ? - ୨

ମହାଜ୍ଞାନୀ ମହା ପଣ୍ଡିତ ସେ ଜଣେ
ମନେ ପକା ରାମାୟଣ,
ସୀତାଙ୍କ ହରଣ ନ କରିଥିଲେ କି
ମରିଥାନ୍ତା ଯେ ରାବଣ? - ୩

ମହିଷା ଅସୁର ବଧ କରିଥିଲେ
ଦୁର୍ଗତିନାଶିନୀ ନାରୀ,
ଯମ ଯାହା ଆଗେ ମାନିଥିଲା ହାର
ନାରୀ ସେ ପୂଣ୍ୟା ସାବିତ୍ରୀ - ୪

ଲକ୍ଷ୍ମୀ ଛଡ଼ା ହୋଇ କୃଷ୍ଣ ବଳରାମ
ବୁଲୁଥିଲେ ଦିନେ ଜାଣ,
କରି ପତ୍ନୀ ଅପମାନ - ୫

ନାରୀର ସମ୍ମାନ ନାରୀର ମର୍ଯ୍ୟାଦା
ହେ ପୁରୁଷ ରକ୍ଷାକର
ନଚେତ ଦିନେ ସେ ସାଜି ଦୁର୍ଗାକାଳୀ
କରିବ ତୁମ ସଂହାର - ୬

ଧୈର୍ଯ୍ୟର ସୀମା ତା ଭାଙ୍ଗିଲେ ଦେବ ସେ
ପାପ ତୁମ ଅନ୍ତ କରି,
ସଂହାରକାରିଣୀ ନାରୀ....
ସଂହାରକାରିଣୀ ନାରୀ...

# ପୂଜା ଯେବେ ଆସେ



ସୁବ୍ରତ କୁମାର ପଣ୍ଡା

ପୂଜା ଯେବେ ଆସେ

ସୁବ୍ରତ କୁମାର ପଣ୍ଡା

ପୂଜା ଯେବେ ଆସେ
ମନରେ ଖେଳିଯାଏ ଏକ ଆନନ୍ଦର ଭାବ
କିପରି କେଜାଣି |

ପୂଜା ଯେବେ ଆସେ
ମନେ ପଡ଼ିଯାଏ ପିଲାଦିନ କଥା
ଛୋଟ ଛୋଟ ଖୁସି
କିପରି କେଜାଣି |

ପୂଜା ଯେବେ ଆସେ
ଆଲୋକିତ ହୁଏ ସହର ଓ ମୋ ଅନ୍ତର
ଭକ୍ତିଭାବେ ଡାକେ ମୁଁ ମାଆକୁ
ଦୁଷ୍ଟ ଶକ୍ତି ଦୂର କର, ନାଶକର
ସମାଜର ମହିଷାସୁର ମାନଙ୍କୁ |

ପୂଜା ଯେବେ ଆସେ
ଭୁଲି ହୋଇଯାଏ ସବୁଦିନ
ଜୀବନର ଦେବାଳିଆ ପଣ
କାହିଁକି କେଜାଣି |

ପୂଜା ଯେବେ ଆସେ
ମନରେ ଭାବନା ଆସେ
ନରହୁ ଅତ୍ୟାଚାର
ଅଭାବ, କୁଭାବନା ଆଉ ଦୂରାଚାର
ବିନାଶ କରନ୍ତୁ ଦେବୀ
ସମସ୍ତଙ୍କ ମନର କାଳିମା
ସୁନ୍ଦର ହୋଇଯାଉ ଏଇ ଧରା
ପୂଜା ଆସୁଥାଉ
ମା ଆସୁଥାଉ ଆସୁଥାଉ ସୁଖ ସମୃଦ୍ଧିର
ଧାରା... |

# ମୋ ମା



ଆଦିତ୍ୟ ସାହୁ

ମୋ ମା

ଆଦିତ୍ୟ ସାହୁ

ସବୁଠାରୁ ବଡ଼ ମା ଅଟେ ମୋର
କେତେ ଦୁଃଖ ସିଏ ସହେ
ଯେତେ ଦୁଃଖ ଥିଲେ ମନରେ ତାହାର
ମିଠା କଥା ସିଏ କହେ
ମା ଦେଲେ ଗାଳି ସିଏ ଦାଣ୍ଡ ଧୁଳି
ହୋଇ ଯାଏ ସେ କଲ୍ୟାଣ
ମା ସବୁ ସହେ ଦୁଃଖ ଯନ୍ତ୍ରଣାକୁ
ଦିଏ ପିଲାଙ୍କୁ ଜୀବନ
ମା ନାହିଁ ଯା'ର ସାହା ନାହିଁ ତା'ର
କିଏ ବୁଝେ ମନ କଥା
ଯେତେ ଯିଏ ଥିଲେ ପଦଟେ କହିଲେ
ମନରେ ଲାଗଇ ବ୍ୟଥା
କାହାର ଜନନୀ, କାହାର ଭଗିନୀ
କାହାର ଘରଣୀ ହୁଏ
ନିନ୍ଦା ଅପବାଦ, ଦୁଃଖ ବା ଯନ୍ତ୍ରଣା
ସହଜରେ ସହିଯାଏ
ମନ କଥା ସବୁ ମନରେ ଭାବି ସେ
ଛାତି କୁ କରି ପଥର
ମନରେ ତାହାର ନାହିଁ ଭେଦଭାବ
ସଭିଁଙ୍କୁ କରେ ନିଜର...

# ମା ଓ ମମତା


ସୁଧୀର କୁମାର ନାୟକ

ମା ଓ ମମତା

(ସୁଧୀର କୁମାର ନାୟକ)

ମା'ର ମମତା ସରଗଠୁ ବଳି ସେନେହ ଆଦର ଦିଏ
ମା ଠାରୁ ବଡ଼ ଦେବତା ଏ ସଂସାରେ ରହି ନାହିଁ ଆଉ କିଏ - ୧
ନିଜେ ନ ଖାଇ ଭୋକରେ ଯେ ରହି ଆମକୁ ଆଧାର ଦିଏ
ନାଁ ଟି ତାହାର ଅତି ଯେ ମଧୁର 'ମା' ପରା ଆମରି ସିଏ - ୨
ସନ୍ତାନ ପାଇଁ ସେ ସବୁ ଦୁଃଖମାନ ମଥା ପାତି ସହି ନିଏ
ଆମରି ମଂଗଳ ପାଇଁ ସେ ନିତି ଓଷା ବ୍ରତ କରୁଥାଏ - ୩
ମା ଯାହାର ଅଛି ସାହା ତାହାର ଅଛି ଏକଥା ଜାଣିଥ ତୁମେ
ସେ ସୁଖେ ରହିଲେ ତାହାର ପଣତେ ସୁଖରେ ରହିବା ଆମେ - ୪

# ବାର୍ଦ୍ଧକ୍ୟର ପ୍ରତିଧ୍ୱନୀ



ସୂରଜ କୁମାର ମେହେର

ମୁଁ ଜାଣିଥିଲି ତୁମେ ଆସିବ
ଆଜି ନ'ହେଲେ କାଲି,
ଜରାୟୁରେ ଧରି
ମୋର ଫେରିବାର ସୂଚନା,
ତନୁ ମନେ ଭରିଦେବ
ରୋଗ, ଚିନ୍ତା, ସନ୍ତାପର ବିଷାକ୍ତ ବୀଜାଣୁ,
ଶୋଷିନେବ ଆଖିରୁ ଚମକ,
ଦେହରୁ ରଙ୍ଗ ଆଉ
ହୃଦୟରୁ ବଞ୍ଚିବାର ସମସ୍ତ ଭାବନା |
ଆପଣାମାନଙ୍କ ପାଇଁ
ଅଲୋଡ଼ା ବୋଝଟେ ସାଜିବି
ବୋହିଥିବେ ମୋତେ ଯାହା
ଅପବାଦ କର୍ଦ୍ଦମରୁ ବଞ୍ଚିଯିବେ ଭାବି |
ଦର୍ପଣକୁ ମିଛ କହି
ନିଜଠୁ ଦୂରକୁ ବି ଯାଇ ପାରିବନି
ନିନ୍ଦୁଥିବ ସମୟକୁ ଖାଲି
ଅବିବେକୀ, ଅସହିଷ୍ଣୁ
ଯିଏ ତୁମ ଆସିବାର ସୂଚନା ଦେଲାନି |

ବୟସର ବଗିଚାରେ
ପତ୍ରଝଡ଼ା ଦେଖି
ଫେରିଯିବେ ସମ୍ଭାବନା ଯେତେ
ପହଞ୍ଚିଲେ ଭୁଲ କେଉଁ
ଠିକଣାରେ ଭାବି |
ଯୋଡୁଥିବି ହିସାବ ମୁଁ
କର୍ମ ଆଉ କାରଣର,
ସଂକୁଚିତ ପୃଥିବୀମୋ
ବିଛଣାରେ ଶୋଇ
କଣ କଲି, କେତେ କଲି,
ଆଉ କେତେ
କରିବାକୁ ବାକିଗଲା ରହି |
ଭିଡୁଥିବ ତୁମେ ହାତ
କହୁଥିବ ବେଗି ଚାଲ ବେଗି ଚାଲ
ଏଇ ଦେଖ ସଞ୍ଜ ନଇଁଗଲା,
ତଥାପି ମୁଁ କହୁଥିବି
ହାତ ପାତି ମାଗୁଥିବି
ଆଉଟିକେ
ବଞ୍ଚିବାକୁ ଦିଅନ୍ତନି ଭଲା !!!

ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

# ମୁ ଗାଉଛି ତୁମ ପାଇଁ



କମଳ କୁମାର ଦାଶ

ମଳୟ ଗାଉଛି କଳି କଳି ଛୁଇଁ
ମୁଁ ଗାଉଛି ତୁମ ପାଇଁ
ସାଗର ଗାଉଛି ଛୁଇଁ ବେଳାଭୂଇଁ
ତୁମେ ଗାଅ କାହାପାଇଁ - ୧

ମନଟି ମୋହର ଜାଣେନା ଛଳନା
ଖୋଜେ ତୁମେ ଚାରିଆଡ଼େ
ସପନ ଦେଖୁଛି ତୁମ ସାଥେ ନିତି
ବୁଲୁଛି ସାଗର କୂଳେ - ୨

ଟୁପ୍ ଟୁପ୍ ଟୁପ୍ ବରଷା ଟୋପାରେ
ଶୁଣେ ସେ ତୁମ ପାଉଁଜି
ଝିପ୍ ଝିପ୍ ଝିପ୍ ବରଷା ଧାରାରେ
ଭାବେ ଆସୁଅଛି ଭିଜି - ୩

ସପନର ମାନେ ବୁଝେନା ମନଟା
ସତ ଭାବେ ସପନକୁ
ପାଣି ପବନରେ ବର୍ଷା ବତାସରେ
ଖୋଜେ ତୁମ ପରଶକୁ - ୪

# ମନକଥା



ସତ୍ୟବ୍ରତ ଷଡ଼ଙ୍ଗୀ

ତୁମ ଝାପ୍‌ସା ହସର ସହର ତଳେ
ମିଛ ସ୍ବପ୍ନର ମାହୋଲ
ସବୁ ଲୁହରେ ତୁମ
ଶାକ୍ତ ଅଭିଶାପର ରୂପ
ତଥାପି ତ ପୂଜିଛି ତୁମକୁ ଦେବୀଟିଏ କରି

ଜାଣେ ମୁଁ
ମୋ ଆଶାଟେ ତପ୍ତ ଝଡ଼ର ଆଶଙ୍କା
କେବେ ବି ଲୁଟିପାର କାଳ ସାଜି
ଦେହ, ମନ, ଭରସା
ତଥାପି ତ ହଜିଛି ତୁମଠି
ପ୍ରେମିକଟେ ସାଜି...

ତୁମ ପ୍ରତିଟି ଦୁଃଖର ଦାନରେ
ମୁଁ ଯେ ତୃପ୍ତ ଚିରକାଳ...

ଏକାନ୍ତରେ ନିଜେ ପଛେ
ବାହୁନିବି ନିଜ ପାଇଁ
ତୁମ ସାଥେ ଥିବା ଯାଏଁ
ବଞ୍ଚିଥିବି ତୁମ ପାଇଁ...

# ମୃତ୍ୟୁ ସହ କଲି ବୁଝାମଣା



ବନାନୀ ଶତପଥୀ

ଏକ ଅଭିନ୍ନ ପ୍ରୟାସ
ମନେ ଆସେ ବାରମ୍ବାର
ମୃତ୍ୟୁକୁ ଭେଟନ୍ତି
କରନ୍ତି ତା'ସହ କିଛି ବୁଝାମଣା
ଜାଣିଛି-
ଯେବେଠୁ ହେତୁ ପାଇଲି
ମୃତ୍ୟୁ ହିଁ ଏପରି ଅସ୍ତ୍ର
ତୁମଠୁ ମୋତେ ଦୂର କରିବ
ତୁମେ ମୋତେ ଚାହଁ ବା ନ ଚାହଁ
ମୁଁ ତୁମକୁ ଆଉ ଚାହୁଁନି
ତାକୁ ଆଦରି ନେବାକୁ
ମନେ ମୋର ଶତ ପ୍ରତିଶତ ଆଶ
ମୃତ୍ୟୁ ହିଁ ତୁମଠୁ ଦୂର କରିବାର
ଏକମାତ୍ର ଉତ୍କୃଷ୍ଟ ଏବଂ ଶ୍ରେଷ୍ଠ ପ୍ରୟାସ |

ମୃତ୍ୟୁ ସତ୍ୟ, ଚିରନ୍ତନ ସତ୍ୟ
ତା'ବ୍ୟତିରେକ ଅଛି କିଛି ସତ୍ୟ ?
ମୃତ୍ୟୁ ହିଁ ସବୁର ଶେଷ
ଜନ୍ମ ସତ୍ୟ... ମୃତ୍ୟୁ ଧ୍ରୁବ ସତ୍ୟ
ଜୀବନର ଅବଧି ପଶ୍ଚାତେ
ପାର୍ଥିବ ଶରୀରକୁ କରେ କୋଳାଗ୍ରତ
ମୃତ୍ୟୁ ଆସେ ଘଟକୁ ସିନା
ଛୁଇଁ ପାରେନା ଆତ୍ମାକୁ
ଆତ୍ମା ଯେ ସଦା ଜାଜ୍ଜଲ୍ୟତା
ଅମରତ୍ବ ଆଜନ୍ମ ପାଇଛି
ସେ ବି ଭାବିନି କେବେ
ମୃତ୍ୟୁକୁ ମୁଁ କେମିତି ମାରିବି
ମୁଁ ସିନା କହିଦିଏ - ତୁମକୁ ଭୁଲିବି
ଦୂରେଇ ମୁଁ ଯିବି
ମୃତ୍ୟୁ ହସେ... ମୋର ଭୁଲ ଦେଖିଅ
ପାରିବିନି... ପାରିବିନି... ତୁମକୁ ଦୂରେଇ
ଦୁହିଁଙ୍କର ଆତ୍ମା ଆମ ଅମର ଲଭିଛି....

# ଅର୍ଜୁନଙ୍କ ଚିଠି



ଜଗନ୍ନାଥ ରାୟ

ହେ ଦେବୀ ...ସୁଭଦ୍ରେ...!!
କଣ ମନେ ପଡୁ ନାଁହି ତୁମର?
ଆମ ପ୍ରେମ ଭଲ ପାଇବାର ସ୍ମୃତି,
ଭୁଲିଗଲ ସେ ବିଗତ ଦିବସ କଥା ସବୁ?
ଦ୍ୱାରିକାର ଘନ ଅରଣ୍ୟ ମଧ୍ୟରେ ମୃଗ ଶିକାର
ନୀଳିମାର ଶୂନ୍ୟପଥରେ ଉଡ଼ିଯାଉଥିଲା ତୁମ କୁମାରୀ ଓଢ଼ଣୀ
ଧାରା ଶ୍ରାବଣର ମେଘ ମହ୍ଲାରରେ ଭିଜୁ ଥିଲ ସଖୀ ମେଳେ...
ଯେଉଁଠି ଗଢ଼ି ଉଠିଥିଲା,  ଆମ ପ୍ରେମ କାହାଣୀ
ପ୍ରଥମ ଦେଖାରେ ନିଜର କରିନେଇଥିଲ ମୋତେ,
ଚିର ଦିନ ପାଇଁ ମୋର ସାଥୀ ହୋଇ ରହିବ...
ଯେତେ ବାଧା ବିଘ୍ନ ଆସିଲେ ବି ହାତ ନ ଛାଡ଼ିବ !!
କଥା ଦେଇଥିଲ ତୁମେ ପ୍ରିୟା ...
ଯୁଗ ଯୁଗାନ୍ତର ମୁଁ ତୁମ ନାୟକ ତୁମେ ମୋ ନାୟିକା,
ହାତରେ ହାତ ଛନ୍ଦି ମୋ ପାଖେ ରହିବ...||

ହେଲେ...!! କଣ' ହେଲା ଆଜି..?
ତୁମର ସେ କପଟିଆ ଜଗା ଭାଇ,
ଛଡ଼ାଇ ନେଲେ ମୋ ପାଖୁ ତୁମକୁ |
ଦୁନିଆକୁ ଦେଖାଇ ଦେଲେ,
ସବୁ ମିଛ ଏଠି, ଏକା ଭାଇ ସତ;
ଭାତୃହୃଦୟ ପ୍ରେମରେ ବାନ୍ଧି ହୋଇ
ଭୁଲିଗଲ ତୁମର ଏହି ପ୍ରାଣ ପ୍ରିୟ କୁ...
ନଜର ଦେଲ ନାଁହି ଟିକେ ମୋ ଆଡ଼କୁ !
ଲକ୍ଷ ଲକ୍ଷ ଭକତ ମେଳରେ ଶ୍ରୀ ମନ୍ଦିରରେ ରହିଗଲ ତୁମେ ଅତି ଆନନ୍ଦରେ,

ଭାତୃ ଓ ଭକ୍ତ ମେଳରେ ଭୁଲିଗଲ ହସ୍ତିନାର ରାଣୀ ଅନ୍ତପୁର
ବରଷକେ ଥରେ ଯାଅ ମାଉସୀ ମା  ଘରକୁ ..
କଣ' ମନ ହୁଏ ନାଁହି ଥରେ ଆସିବା ପାଇଁ ହସ୍ତିନା ପୁରକୁ..!!!

ଆଜି ତୁମ ବିନା ମୁଁ ଆତ୍ମହରା,
ଏକାନ୍ତ ବଟୋଇ ମୁଁ ତୁମ ପ୍ରୀତି ପଥରେ ...
ମୋ ଧନୁର ବାଣ ମଧ୍ୟ ଖୋଜୁଛି ତୁମକୁ;
ସେ ମଧ୍ୟ ମନ ବଳାଉ ନାଁହି କାହାରି ଲକ୍ଷ୍ୟକୁ ...
ରାଜ ଉଆସର ଶୁଆ ଶାରୀ ବି ନୀରବ, ପଚାରନ୍ତି କାଁହି ଗଲେ ହଳଦୀ ମୁଖୀ ?
କଣ' ଭୁଲିଗଲେ ଆମ ରାଜ ଉଆସର ପ୍ରେମ ପ୍ରୀତି..!!
ମୁଁ ହୋଇ ଯାଏ ଶୋକ ଭରା ...
ଚକ୍ଷୁ ରୁ ମୋର ଝରେ ଲୋତକର ଧାରା ...
ଜାଣିଛି... ତୁମେ ମଧ୍ୟ ଖୁସିରେ ନ ଥିବ,
ଅନ୍ଧାର ଭିତରେ ଲୁଚି ଲୁଚି ପଣତକୁ ଓଦା କରୁଥିବ
ଶ୍ରୀମନ୍ଦିରର ତୁମ କକ୍ଷ କୋଣରେ ...
ଅଶ୍ରୁ ଝରାଉ ଥିବ ତୁମର ଏହି ପ୍ରିୟ ପାଇଁ ...||

ହେ ସୁଭଦ୍ରେ ...
ପ୍ରତୀକ୍ଷାର ଶେଷ ସମୟ ଉପନୀତ |
ବ୍ୟସ୍ତ ହୁଅ ନାଁହି, ମୁଁ ଆସୁଛି;
ମୁଁ ବି ଆତୁର ତୁମ ପାଇଁ ...
ସହ୍ୟ କରି ପାରୁ ନାହିଁ ଆଉ ତୁମ ଅନୁପସ୍ଥିତି...
ପାଦ ମୋର ଉତ୍କଣ୍ଠାରେ ବଢ଼ିଲାଣି,
ରଥର ଅଖ ମଧ୍ୟ ନିର୍ଜୀବରୁ ସଜୀବ ହେଲେଣି,

ଅଶ୍ୱ, ସାରଥୀ ମଧ୍ୟ ଆତୁର ଆଗତୁର ...
ମୁଁ ଆସୁଛି, ଅତି ଶୀଘ୍ର ଆସୁଛି...
ଆଗାମୀ ଘୋଷଯାତ୍ରା ତୁମ ପାଇଁ ହେବ ଅନ୍ତିମ ଯାତ୍ରା,
ତୁମେ ସଜ୍ଜିତ ମଣ୍ଡିତ ହୋଇ ବସିଥିବ ଦର୍ପ ଦଳନରେ
ମୁଁ ପହଞ୍ଚିବି ଗୁଣ୍ଡିଚା ମନ୍ଦିର ପାଖରେ ...
ଡରିବନି ପ୍ରିୟା ତୁମେ ...
ମନ୍ଦିର ପ୍ରବେଶ ଯେ ନ କରାଇ ଦେବି,
ହସ୍ତିନାପୁରୀକୁ ଘେନି ବାହୁଡ଼ି ଆସିବି ...|
ଜଗତ ଦେଖିବ, ଜଗା-ବଳିଆ ଦେଖିବେ,
ଆମ ମିଳନ ଦେଖି ପୁଷ୍ପ ବର୍ଷା ଦେବେ..
ପ୍ରେମ ଆମ ରହିବ ଚିର ଅମର,
ଏ ଦୁନିଆ ଜାଣିବ, ଯୁଗେ ହେବ ଖ୍ୟାତ..
ଅର୍ଜୁନ-ସୁଭଦ୍ରା ପ୍ରେମ ଜୟ ଜୟ କାର ||

# ଧିକ୍ ଏ ନାରୀ ଜୀବନ !



ବର୍ଷା ପ୍ରିୟଦର୍ଶିନୀ ସାହୁ

ନାରୀର ଜୀବନ ଅଟେ କଣ୍ଟକିତପୂର୍ଣ୍ଣ,
ହେଉ ବାଲ୍ୟାବସ୍ଥା ଅବା ଯୌବନ|

ଖବରକଗଜ ପଢି ଦୋହଲିଯାଏ ମନ,
୫ ବର୍ଷର ଶିଶୁକନ୍ୟାର ବି ହୁଏ ଧର୍ଷଣ!
ବାଲ୍ୟାବସ୍ଥା ଅଟେ କୋମଳ ମନ,
କିନ୍ତୁ ଏଠି ବି ନାରୀ ସହେ କୁଟୀଳ ଦୃଷ୍ଟିଦହନ|

ଜୀବନର ପ୍ରତିଟି ପାହାଚ କାଟେ ନାରୀ
ଦୁଃଖରେ, କୋହରେ, ସଂଶୟରେ,
କାଳେ କିଏ ଆସି ଲୁଟି ନେବ ତାର ମାନ|

ହେଉ ଅବା ଯୌବନ ଅବା ଗୃହିଣୀ ଜୀବନ,
ନାରୀ ର କୋହ ବୁଝେନା କେହି,
ସବୁ ସ୍ଥଳରେ ସହିଯାଏ ସିଏ
ମାନ, ଅପମାନ, କୁବ୍ୟବହାର; ଏମିତିକି ବଧୂଦହନ|

ଶୁଦ୍ଧିଜନେ ଯୁକ୍ତି ବାଢନ୍ତି-ଭାରତ ହୋଇଚାଲିଛି ଉନ୍ନତ ରୁ ଉନ୍ନତ୍ତମ,
ଏବଂ ଚାଲିଛି ଏଠି ନାରୀ ସଶକ୍ତିକରଣ;
କିନ୍ତୁ ଏ କେଉଁ ସଶକ୍ତିକରଣ?
ଯେଉଁଠି ଅତ୍ୟାଚାର ଏବଂ ଅନାଚାର ରେ ଜର୍ଜରୀତ ହୁଏ ନରୀର ଜୀବନ?

ଖୋଜିବାପାଇଁ  କାରଣ ଉଠାଇଲି କଲମ,
କାଗଜ ସରିଲା, କାଳି ବି ସରିଲା;
ସରିଲାନି ଯାହା ନାରୀ ର ଦୁଃଖର କାରଣ|

ଧିକ୍ ଏ ନାରୀ ଜୀବନ!
ଯାହର ଆରମ୍ଭକନ୍ୟା ଭ୍ରୁଣହତ୍ୟା ଏବଂଶେଷ ବଧୂଦହନ,
ଧିକ୍ ଏ ନାରୀ ଜୀବନ! ଧିକ୍ ଏ ନାରୀ ଜୀବନ|

# ଟଙ୍କା ବଗିଚା



ଡ: କୁଳାଙ୍ଗାର

ଗଛରେ ଫଳୁଥିଲା ଟଙ୍କା
ମାରୁଥିଲ ଢେଲା;
ଏବେ ପଚାରୁ ତ କୁହ
ଗଛ କେମିତି ମଲା ?

ସର୍କାର କ'ଣ ଆଜି
ସିଏ ତ ଜନ୍ମରୁ ଅନ୍ଧ;
କେମିତି ଦିଶିଥାନ୍ତା ତାକୁ
ଟଙ୍କା ବଗିଚାର ବିନ୍ଧ !

ଦଦରା ଆଖିକୁ ଯାହା
ଟିକେ ଦିଶୁଥିଲା;
କ୍ୟାଟ୍ରିନା କୈଫ୍ ତାକୁ
ହରଣ କରିନେଲା !

ଟଙ୍କା ବଗିଚାର ଗଛ
ଝାଉଁଳି ଯିବ ଭାବି;
ତାକୁ ଛାଇ ଦେଉଥିଲେ
ଖବରକାଗଜ ଓ ଟିଭି !

କେତେ କାର୍ଯ୍ୟକ୍ରମ ପୁଣି
କେତେ ଅନୁଷ୍ଠାନ;
ଏଇ ଗଛ ଫଳ ଖାଇ
କରୁଥିଲେ ଜୀବନଯାପନ !

ଏ ଉଦ୍ୟାନେ ଚରିପୁଣି
ନେତା ନାମ୍ନୀ ଗାଈ;
ପ୍ରମାଣିତ କରିଥିଲା
ବିଷଫିସ ନାଇଁ !

ଏବେ ତୁମେ କହୁଛ
ଗଛ ମରିଗଲା
ସେଥିରେ ତୁମମାନଙ୍କ
ମଞ୍ଜି, ଖତ ସାର ଆଉ ଝାଳ ଲାଗିଥିଲା !

ଭୋଟ୍ କଣ୍ଟା ଗିଳୁ ଗିଳୁ
ଚିପୁଅଛ ଅନ୍ଧଟାର ତଣ୍ଟି;
ସିଏ ବିକଳେ ଖୋଲିଲାଣି
ଜନତାର ପାଣ୍ଠି !

କିଏ ତମେ କେତେ ଲଗେଇଛ
କେତେ ପୁଣି ଝଡ଼େଇ ଖାଇଚ
ଟଙ୍କା ବଗିଚାରୁ
କହ ଏଇ ହିସାବ ମିଳିବ ଏବ
କୋଉ କାଗଜରୁ ?

ସେ କାଗଜ ଅସଲ କି?
ଟଙ୍କା ବଗିଚାରେ ତମେ
ଜୀବନ ଲଗେଇଥିଲ
କାହାକୁ କହିକି ?

ଅନ୍ଧକୁ ଘାଣ୍ଟୁଛ ଯେବେ
କହୁଛି ଖୋଜିବ;
ଅପେକ୍ଷା କର, ମଲାଗଛ ବଞ୍ଚିବ
ଟଙ୍କା ବଗିଚାରେ ଯେବେ ଫଳ ଫଳିବ
ତୁମେମାନେ ନିଶ୍ଚୟ ଖାଇବ !

# ଆସ ଏଇ ଡଙ୍ଗାରେ ବାହିନେବି


ହିମାଂଶୁ ପରିଡ଼ା

ଆସ ଏଇ ଡଙ୍ଗାରେ ବାହିନେବି

ହିମାଂଶୁ ପରିଡ଼ା

ଆସ ଏଇ ଡଙ୍ଗାରେ ବାହିନେବି ତୁମକୁ |
ଜୀବନସାରା ତ ବିଶ୍ବାସ କରିଛ
କବାଟ କିଳି ମୋ ସାଥିରେ ଏକେଲା ଶୋଇଛ
ରାତି ଅଧେ ତୁମର କାଳେ ମୁଁ ତଣ୍ଟିଚିପି ଦେବି
ମନରେ କେବେ ଭୟ ବି ନ ଆଣିଛ,
ଏବେ କହୁଛ ତୁମର ଦୁଇଟି ଯୁଆନ୍ ପୁଅ
ଯାହା କରିବି ତୁମ ବିରୁଦ୍ଧରେ ଷଡ଼ଯନ୍ତ୍ର
ସେମାନେ ତାର ନେବେ ପ୍ରତିଶୋଧ |
ସତ କୁହ, ମୋତେ ଯଦି ତୁମେ
ଜୀବନରେ ବିଶ୍ବାସ କରି ନ,
ଏମିତି ସୁନ୍ଦର ଭାବେ କେମିତି
ମୋ ସାଥିରେ ରହିଛ ?
କେବେ କେବେ ତୁମେ କୁହ ଯେ
ମୁଁ ସାହି ପଡ଼ିଶାକୁ ଡରି
ଲୋକ ଲଜ୍ୟା ହେବ ଭାବି
ତୁମ ସଙ୍ଗେ କରୁଛି ଭଲ ବ୍ୟବହାର |
ତୁମେ ବି କୁଆଡ଼େ କିଛି ପ୍ରତିବାଦ ନ କରି
ସହି ଯାଇଛ ମୋର ସବୁ ଅତ୍ୟାଚାର |

ନ ହେଲେ ମୁଁ କୁଆଡ଼େ ସବୁ ପୁରୁଷଙ୍କ ପରି
ଖାଲି ମୋ ଭିତରେ ପଶୁତ୍ବ ଅଛି
ଭଲ ପାଇବା ନାଁରେ କଷ୍ଟ ଦିଏ ତୁମ ଦେହକୁ,
ଦେଖେଇ ହୁଏ ଯେ ମୁଁ ଭାରି ଭଲ ସୁଧାର
ସତ କଥା ହେଲା; ସାଥୀ ଛଡ଼ା କିଛି ଜାଣିନି
ଖାଲି ସ୍ବେଚ୍ଛାଚାର ସ୍ବେଚ୍ଛାଚାର !!!

କେମିତି ବୁଝେଇବି ତୁମକୁ ଯେ
ଜୀବନର ଅଧେ ବିତିଗଲା
ଏତେ ଦିନ ସମ୍ପର୍କରେ ଯଦି
ହେଲାନି ତିଆରି ବିଶ୍ବାସର ଘର
କଣ ମୁଁ କରିବି ଯେ ?
ହୁଏ ତ ଆମର ଭଲ ପାଇବାରେ
କିଛି ରହିଯାଇଛି ଖୁଣ |
ଆସ ପରସ୍ପର ମୁହଁକୁ ଦେଖିବା
ଲକ୍ଷ୍ୟହୀନ ଭାବେ ଡଙ୍ଗାରେ ବସିବା
ଘାଟ ନଥିବ କି ବାଟ ନଥିବ
ଦିନ ନଥିବ କି ରାତି ନଥିବ
ସ୍ବପ୍ନ ନଥିବ କି ଜୀବନ ନଥିବ
ଆକାଶ ଓ ଜଳ ମଝିରେ
ପରସ୍ପରକୁ ପରଖିବା
ମାଖି ହେବା ପବନର ମଲମ |
ଆସ ଡଙ୍ଗାରେ ବସିବା
କରିବାକୁ ଜୀବନର ଆଉଥରେ ମୂଲ୍ୟାୟନ
ଛାଡ଼ି ଆସ ଯାହା ସବୁ କାମଧାମ
ଆଉଥରେ ନେବା ପରା ପୁନର୍ଜନ୍ମ !!

# ପ୍ରଥମ ପ୍ରେମ



ସୁଶାନ୍ତ କୁମାର ନନ୍ଦ

ଦେଖିନି ତୁମକୁ
ପାଖରୁ କେବେ ମୁଁ
ହେଇନି କଥା ବି ଥରେ,
ହେଲେ ମୁଁ ତୁମକୁ
ପାଉଚି ଭଲ
ମୋର ଅଜାଣତରେ |
ପ୍ରଥମ ପ୍ରେମର
ପ୍ରଥମ ନାୟିକା
ତୁମେ ମୋ ପାଇଁ ଅଜଣା,
ପ୍ରଥମ ଚିଠି ମୁଁ
କିପରି ଲେଖିବି
ଅଜଣା ତୁମ ଠିକଣା |
ସପନ ରାଇଜ
ସୁନାପରୀ ତୁମେ
ମୋ ମନ ମନ୍ଦିରର ରାଣୀ
କେମିତି କହିବି
ଭଲ ମୁଁ ପାଉଚି
ପାରୁନି ଜମାରୁ ଜାଣି |
ଆଣିବି ତୁମକୁ
ସୁନା ସବାରୀରେ
କରିବି ଜୀବନସାଥୀ,
ବସି ଏ କଥା
ଭାବିଲା ବେଳକୁ
ସରିଯାଏ ଦିନ ରାତି |

# ଏଇ ଆମ ବ୍ରହ୍ମପୁର



ଡା ମେଜର ଗୌରୀପ୍ରସାଦ ମହାପାତ୍ର

ଆସିଥିଲା ଝଡ଼
ଘୁର୍ଣ୍ଣିବାତ୍ୟା ହୋଇ
ଝାଡ଼ିଦେଲା ଆମ ସହର
ଭାଙ୍ଗିଗଲା ଗଛ, ବତୀଖୁଣ୍ଟ ଆଉ ଘର
ଉଡ଼ିଗଲା କେତେ ଚାଳ
ବୋଝପରେ ବିଡ଼ା ଲଳିତା ପରାଏ
ବରଷିଲା ମେଘଜଳ
ଉତୁରି ଉଠିଲା ଯେତେ ସବୁ ନଈନାଳ
ସଭିଙ୍କୁ ହୋଇଲା କାଳ
ଏଇ ଆମ ବ୍ରହ୍ମପୁର....

ଭୋକ ଉପାସରେ
କି ଧନୀ ଗରିବ
ପାଇଲେ ଅସହ୍ୟ ଦୁଃଖ
ସହରଟା କେତେ ବଦଳି ଗଲାରେ
ବିଗିଡ଼ିଗଲା ତା ରୂପ
ଦଶହରା ପୂଜା ମେଢ଼ ଭାଙ୍ଗିଗଲା
ବନ୍ଦହେଲା ପିଠାପଣା
ବଣ ପରି ସବୁ ଲାଗିଲା ଆମକୁ
ବିନାଫୋନରେ ପାଇଲୁନି ଯେ ଆପଣା
ଅନ୍ଧାର ଭିତରେ କୁମାର ପୂର୍ଣ୍ଣିମା
ହଜିଗଲା ବିକା କିଣା


କଣିବାକୁ ଯାହା ଦେଖିଲୁ ବଜାରେ
ବଢ଼ିଲା ଦର ଅଜଣା

ଆଜିଯାଏଁ ବତୀ ଖୁଣ୍ଟ ଉଠିନାହିଁ
ଜଳୁନୀ ବିଜୁଳି ବତୀ
କେଉଁଠି ଆଲୁଅ ଅନ୍ଧାର ରାଜୁତୀ
ଚାଲିଛି ଅଦ୍‌ଭୂତ ସ୍ଥିତି
ବ୍ୟାଙ୍କ୍ ଚାଲୁନାହିଁ, ଏଟିଏମ୍ ବନ୍ଦ
ଟିଭି ଚାଲୁନାହିଁ ନେଟୱର୍କ୍ ବନ୍ଦ
ସବୁ ଯେମିତି ଅଚଳ
ବେଳେ ବେଳେ କିନ୍ତୁ
ରାଜରାସ୍ତାରେ ଦିନ ଦ୍ବିପହରେ
ଜଳେ ବିଜୁଳି ଆଲୁଅ

ଏଇ ଆମ ବ୍ରହ୍ମପୁର

# କାକୁଧରଙ୍କ ନିଜକଥା

ଅରବିନ୍ଦ ଆଚାର୍ଯ୍ୟ



# ବାବୁଭାଇଙ୍କ ନିଜ କଥା



ଅରବିନ୍ଦ ଆଚାର୍ଯ୍ୟ

ଆଚ୍ଛା, ବାବୁଭାଇ । 'ତୁମେ ମୋତେ କାହିଁକି ଏତେ ଭଲ ପାଉଥିଲ । କଣ ମୋର ଏମିତି ଅଛି କି? ନା ରୁପ ନା ଗୁଣ ।'

'ବୁଝିଲୁ କୁନି... ଛାଡ଼, ହଉ କହିଲୁ ତୁ ମୋ ଭିତରେ ଏମିତି କଣ ଦେଖିଲୁ ଯେ...'

'ତୁମ ଭିତରେ କଣ ନାଇଁ କହିଲ? ବହୁତ ଭଲ ଗୁଣ ଅଛି ।'

'ହଁ... ଆହୁରି କିଛି । ଜାଣିଛୁ, ମୁଁ ଉପରେ ଭାରି ଭଲ ଜଣାପଡୁଛି କିନ୍ତୁ ମୁଁ ଭାରି ବଦ୍‌ମାସ ଜାଣିଛୁ । ମୋ ସହ ସାବଧାନ ଥିବୁ ।' କହିଦେଇ ମୁଁ ଚୁପ୍ ଚାପ୍ ହସୁଥିଲି ।

କୁନି କିନ୍ତୁ ତା'ର ସେଇ ଚୁପଚାପ କିନ୍ତୁ ତରବରିଆ ଢଙ୍ଗରେ କହୁଥିଲା-

'ଯା'ହେଉ.... କିଏ ତୁମକୁ କଣ କହୁ... ତୁମେ କିନ୍ତୁ ମୋତେ କିଛି ଖରାପ ବ୍ୟବହାର ଦେଖାଇନ । ମୁଁ ତ ତୁମଠୁଁ ସେମିତି କିଛି ଖରାପ ଗୁଣର ପ୍ରମାଣ ପାଇନି । ତେଣୁ ମୋ ପାଖରେ ତୁମେ ଭଲ.. ବୁଝିଲ?'

କହୁ କହୁ କୁନି ଭାବପ୍ରବଣ ହୋଇ ପଡୁଥିଲା ।

ଆଉ ଦିନେ ସେ ଖଟ ଉପରେ ବସିଥାଏ । ମୁଁ ମଧ୍ୟ ବସିଥାଏ । କିନ୍ତୁ ସେ ଟିକେ ଭିତରକୁ ଆଉ ମୁଁ ପୁରା କଡ଼ରେ । ମୋର ବସିବାଟା ଠିକ୍ ସେ ହେଉନଥାଏ, ସିଏ ଦେଖିପାରି କହିଲା, 'ମୋ ପାଖକୁ ଘୁଞ୍ଚି ଆସୁନ । ଏଠି ଏତେ ଜାଗା ଅଛି ।'

ମୁଁ କହିଲି, 'ତୁ ଟିକେ ଘୁଞ୍ଚିଯା, ତା'ହେଲେ ସିନା ମୋତେ ଜାଗା ହେବ ।'

ସିଏ କିଛି କହୁନଥିଲା ଆଉ ଧିରେ ଧିରେ ଘୁଞ୍ଚି ଯାଉଥିଲା । ଆଉ ଟିକେ ଆଉ ଟିକେ... ମୋ କଥାମାନି ଦୂରକୁ ଚାଲିଯାଉଥିଲା । ଯଦି ତାର ମୋ ପ୍ରତି ଦୁର୍ବଳତା ଥାଆନ୍ତା ତା'ହେଲେ ବୋଧ ହୁଏ ସେ ମୋ ପାଖକୁ ଲାଗି ବସିଥାନ୍ତା, କିନ୍ତୁ ସେ ମୋ କଥାମାନି ଦୂରକୁ ଚାଲିଯାଉଥିଲା । ମୋ ଛାତି କୁଣ୍ଢେମୋଟ ହୋଇ ଯାଉଥିଲା । ମୁଁ ତାକୁ ଆହୁରି ଭଲ ପାଇବାରେ ଲାଗିଥିଲି ।

କିନ୍ତୁ ମୋ ଭଲପାଇବାର ଗଭୀରତା ମୁଁ ମାପି ପାରୁନଥିଲି । କ'ଣ ମୁଁ ତାକୁ ସତରେ ଭଲପାଏ ? ନା ତା'ର ଶୁଭାକାଂକ୍ଷୀ ମୁଁ? ତା'ର ଭଲପାଇଁ କ'ଣ ମୁଁ ନିଜକୁ ଉତ୍ସର୍ଗ

କରିପାରିବି? ବିଶ୍ବାସ ହେଉନଥିଲା ନିଜ ଉପରେ | ଖାଲି ପାଗଳଙ୍କ ପରି ମୁଁ ତାକୁ ଭଲ ପାଉଥିଲି | କିଛି ଆଶା କରିନଥିଲି | ଖାଲି ତାକୁ ଦେଖିବାକୁ ମୋର ପ୍ରବଳ ଆଗ୍ରହ ରହୁଥିଲା | ପ୍ରତିଦିନ ସୂର୍ଯ୍ୟୋଦୟଠାରୁ ରାତିରେ ବିଛଣାକୁ ଯିବା ପର୍ଯ୍ୟନ୍ତ | ଯେଉଁଦିନ ଦେଖା ମିଳୁଥିଲା ସେ ଦିନଟି ମୁଁ ଟିକେ ଶାନ୍ତି ପାଉଥିଲି | ନହେଲେ...

ତୋ ବିନା ଲାଗେନା ଭଲ କିଛି...

ନାଁ... ନା....

ଏଇଟା କଣ ପ୍ରକୃତ ଭଲ ପାଇବା ? ନା, କେବଳ ଗୋଟେ 'ଆଶା' | ଆଶାକୁ ମୁଁ ଭଲପାଇବାର ପୁଟ ଦେଉନି ତ? ମୁଁ ବେଳେ ବେଳେ ଆତଙ୍କିତ ହୋଇ ପଡୁଥିଲି |

-ଛଅ-

ସେଦିନ ମୁଁ ରୁମରେ ଖଟ ଉପରେ ଶୋଇ ଆଲ୍‌ବମରୁ ତା ଫଟୋଗୁଡ଼ିକ ବାହାର କରି ଦେଖୁଥାଏ | ଭାବପ୍ରବଣ ହୋଇ ଚାପି ଧରୁଥାଏ ଛାତିରେ | ଆଖିରୁ ଗରମ ଗରମ ଲାଭା ବାହାରୁଥାଏ |

ଦୂରତ୍ବ ହିଁ ଭଲ ପାଇବାକୁ ଗଭୀର କରିଦିଏ | ସେଥିପାଇଁ ବୋଧହୁଏ ମୁଁ ଚିନ୍ତା କରୁଥାଏ, କିପରି ମୁଁ ତାକୁ ନ ଦେଖି ରହିବି? ଖାଲି ଆଗକୁ ଥିବା ପରୀକ୍ଷା କଥା ସେତେବେଳେ ତା'ସହ ଦେଖା ହେବା କଥା ଭାବି ଭାବି ମନକୁ ସାନ୍ତ୍ବନା ଦେଉଥାଏ |

ହଠାତ୍ ପତିବାବୁଙ୍କ ଝିଅ କୁନି ଦୌଡ଼ି ଦୌଡ଼ି ଆସି କହିଲା - 'ଭାଇନା, ଭାଇନା | ବାପା ଡାକୁଛନ୍ତି |' ମୁଁ ତାକୁ ଚାହିଁଲି | କହିଲି, 'ହଉ ଯିବା' ସିଏ ବୁଲି ପଡ଼ି ଯିବାପାଇଁ ବାହାରୁଥିଲା, ମୁଁ ତାକୁ ଡାକି ପାଖରେ ବସାଇଲି | 'ଫଟୋ ଦେଖିବୁ? ଦେଖ୍ ଏଠି କେତେ ଫଟୋ ସବୁ ଅଛି |'

ସିଏ ଆଗ୍ରହରେ ଫଟୋ ସବୁ ଦେଖୁଥାଏ | ମୁଁ ଡ୍ରେସ୍ ପିନ୍ଧିଲି, ପତିବାବୁଙ୍କ ପାଖକୁ ଯିବାପାଇଁ |

'ଏଇଟା କାହା ଫଟୋ ?' ସେ ପଚାରୁଥିଲା | ମୁଁ ବୁଲି ପଡ଼ିଚାହିଁଲି | କୁନିର

ଫଟୋଟା ଉପରେ ଆଙ୍ଗୁଳି ରଖି ସିଏ ପ୍ରଶ୍ନ କରୁଥିଲା | ମୁଁ ତାକୁ ଚାହିଁପାରିଲିନି | ଭିତରୁ କୋହ ଆସିଲା | ତଥାପି କହିବାକୁ ଚେଷ୍ଟା କଲି | କିନ୍ତୁ ମୋ ପାଟିରୁ ବାହାରି ପଡ଼ିଲା-

'ଏଇଟା ପରା.... ତୋ... ଫଟୋ....!'

'ହଁ, ଭାରି ମିଛୁଆ | ମୁଁ କଣ ଏତେ ବଡ଼ ପିଲାଟେ ?'

'ହଁ, ତୁ ବଡ଼ ହେଲେ ଏମିତି ଦିଶିବୁ |'

'ନିଅ ନିଅ ତୁମ ଫଟୋ | ମୁଁ ଆଉ ଦେଖିବିନି |' ରାଗି ତ ଚାଲିଗଲା, ଦୁମ୍ ଦୁମ୍ ହୋଇ | ମୁଁ ହସୁ ହସୁ ଗମ୍ଭୀର ହୋଇଗଲି |

ଏଇ କୁନି ଆଉ ସେହି କୁନି ଭିତରେ କି ଫରକ୍? କଣ ତଫାତ୍? ଇଏ ସାନ ଆଉ ସିଏ ବଡ଼ | ଏୟା ତ ? ହଁ ସେୟା! କିନ୍ତୁ ବଡ଼ା ହେବା ଦ୍ବାରା ଗୋଟିଏ ଝିଅକୁ ଭଉଣୀ କହି ତା'ସହ ମିଶି ହେବନି | କାରଣ... କାରଣ... ସେ ଆଉ ଗୋଟେ ଛୋଟ ପିଲା ନୁହେଁ |

ପ୍ରକୃତରେ ଶିଶୁ ହେବା କେଡ଼େ ଭାଗ୍ୟର କଥା | ମାୟାମମତା ଥାଏ କିନ୍ତୁ ଛନ୍ଦକପଟ ପାଇବା ଦେବାରେ ଆଗ୍ରହ ସେ ଅବସ୍ଥାରେ ଟିକେ ବି ନଥାଏ | ସେ ସମସ୍ତଙ୍କୁ ଭଲପାଏ | ତାକୁ ମଧ୍ୟ ସମସ୍ତେ ଭଲ ପାଆନ୍ତି | ତାହା ହେଲେ କଣ ବଡ଼ ହେବାଟା ପାପ? ନା, ନା! ବଡ଼ ହେବା କେବେ ପାପ ହୋଇନପାରେ |

ଭାବନାଟା ପାପ କିମ୍ବା ପୂଣ୍ୟ ହୋଇପାରେ କିନ୍ତୁ ଶରୀରଟା ପାପ କି ପୂଣ୍ୟ ହୋଇ ନ ପାରେ | ଜଣେ ଯଦି ଗୋଟେ ମୃତ ବ୍ୟକ୍ତିର ଶରୀରକୁ ମଧ୍ୟ ଭଲପାଏ ତା'ହେଲେ କଣ ସେ ଭଲପାଇବାଟା ପାପ କିମ୍ବା ପୂଣ୍ୟର ଅନ୍ତର୍ଭୁକ୍ତ ? ହଠାତ୍ ମୋର ମନେ ପଡ଼ିଗଲା, 'ମହାନିର୍ବାଣ' କଥା -

ଓଡ଼ିଆ ବିଷୟରେ ଗୋଟିଏ କଥା 'ମହାନିର୍ବାଣ' ଆମ କୋର୍ସରେ ଥାଏ | ଖୁବ୍ ସୁନ୍ଦର ବିଷୟଟିଏ | ଏଥିରେ ଖୁବ୍ ସୁନ୍ଦର ଭାବରେ ଚିତ୍ରଣ କରାଯାଇଛି | ଗୋଟିଏ ଆତ୍ମାର ଡାକ ଆଉ ତା'ର ପାଶବିକ ପ୍ରେମ କଥା |

କଥାଟି ହେଉଛି ଏଇ ପ୍ରକାରର-

ଜଣେ ବୌଦ୍ଧ ସନ୍ନ୍ୟାସୀ | ଯୁବକ, କିନ୍ତୁ ନିଷ୍ଠାବାନ ସାଧକ ହେବାକୁ ଚେଷ୍ଟା କରୁଥାନ୍ତି | ହଠାତ୍ ତାଙ୍କର ଭେଟ ହୁଏ ଜଣେ ରୂପସୀ ତରୁଣୀଙ୍କ ସହ | ଯିଏ କି ଜଣେ ସୁବିଖ୍ୟାତ ସାଧବଙ୍କ ପୁତ୍ରବଧୂ | କିନ୍ତୁ ଭାଗ୍ୟର ବିଚିତ୍ର ବିଡ଼ମ୍ବନା ଯୋଗୁଁ ସାଧକ ଜଣକ ସାଗରପାରି ହୋଇ କୌଣସି ବ୍ୟବସାୟ କରିବାକୁ ଯାଇ ନିଖୋଜ ହୋଇ ଯାଇଥାନ୍ତି | ବିଚାରି ! ନିଜର ବୈବାହିକ ଜୀବନକୁ ଠିକ୍ ଭାବରେ ହୃଦୟଙ୍ଗମ କରିବା ପୂର୍ବରୁ ପତିଙ୍କ ବିଚ୍ଛେଦର ବିରହରେ ଛଟପଟ ହେଉଥାଏ | ସିଏ ଆସି ନିଜର ହାତ ଦେଖାଏ ଭାଗ୍ୟ ଜାଣିବାକୁ ଏଇ ବୌଦ୍ଧ ସନ୍ନ୍ୟାସୀଙ୍କ ପାଖରେ |

ସନ୍ନ୍ୟାସୀ କିନ୍ତୁ ମୋହ ଆସକ୍ତ ହୋଇ ପଡ଼ନ୍ତି ସେ ରୂପକୁ ଦେଖି | ତାଙ୍କର ବ୍ୟବହାରରେ ବିଚଳତା ଦେଖି ତରୁଣୀ ଜଣକ ନିଜକୁ ଲୁଚେଇ ଦିଏ ରୁଦ୍ଧ କୋଠରୀରେ | ଯୁବକ ସନ୍ନ୍ୟାସୀ ଆଉ ଦେଖିପାରନ୍ତି ନାହିଁ ତାଙ୍କୁ |

ନିଜର ଏଇ ପାପଦୃଷ୍ଟିର ପ୍ରାୟଶ୍ଚିତ କରିବାକୁ ବୌଦ୍ଧସନ୍ନ୍ୟାସୀ ଜଣକ କଠୋର ତପସ୍ୟା କରିବାକୁ ମନସ୍ଥ କରି ଶ୍ମଶାନରେ ଉପସ୍ଥିତ ହୁଅନ୍ତି, ତଥାପି ତାଙ୍କ ମନ ମଧ୍ୟରୁ ପୂର୍ଣ୍ଣ ରୂପେ ରୂପସୀ ତରୁଣୀଟିର ଚିତ୍ର ପ୍ରତିମା ଲିଭିନଥାଏ | ସେ ବହୁତ ପ୍ରଯତ୍ନ କରୁଥାନ୍ତି ଭୁଲିଯିବା ପାଇଁ | ଠିକ୍ ଏହି ସମୟରେ ଗୋଟିଏ ଶବକୁ କେତେକ ଶବବାହକମାନେ ଧରି ଉପସ୍ଥିତ ହୁଅନ୍ତି ଶ୍ମଶାନରେ | ନିଜ ଅଜାଣତରେ ଯୁବକ ସନ୍ନ୍ୟାସୀ ଦୌଡ଼ି ଯାଆନ୍ତି ସେହି ଶବ ପାଖକୁ ଯାହାକୁ ଛାଡ଼ି ଶବବାହକମାନେ ଚାଲିଯାଇଥାନ୍ତି | ଶବ ଉପରିସ୍ଥ ନୀଳ ଆବରଣଟିକୁ କାଢ଼ି ସନ୍ନ୍ୟାସୀ ଆବିଷ୍କାର କରନ୍ତି ସେହି ପୂର୍ବୋକ୍ତ ରୂପସୀ ତରୁଣୀର ମୃତଶରୀରକୁ | ନିଜର ସମସ୍ତ ସାଧନା ଓ ତପସ୍ୟା ଭୁଲିଯାଇ ନିବିଡ଼ ଭାବରେ ଆଲିଙ୍ଗନ କରନ୍ତି ସେ ଶବକୁ | ଚୁମ୍ବନ ପରେ ଚୁମ୍ବନ ଦେଇଚାଲନ୍ତି ସେଇ ନିର୍ଜୀବ ଶବଟିକୁ | ସେଠି ଗୋଟିଏ ଆତ୍ମା ଭଲପାଉଥାଏ ଆଉ ଗୋଟିଏ ଆତ୍ମାକୁ | କାରଣ ଯଦି ଶରୀର ଶରୀରକୁ ଭଲ ପାଉଥାନ୍ତା, ତେବେ ଶବକୁ କେବେ ଗୋଟିଏ ଜୀବିତ ଶରୀର ଛୁଇଁବାକୁ ଚେଷ୍ଟା

କରନ୍ତା ନାହିଁ | ଜୀବିତ ଶରୀର ମୃତ ଶରୀରକୁ ଘୃଣା କରନ୍ତା | କିନ୍ତୁ ଏଠି ଥାଏ ଆତ୍ମାର ଡାକ | ଆତ୍ମାର ବିଚ୍ଛେଦର କୋହ | ଏହିଠାରେ ହିଁ ଲେଖକ ଜଣକ ପଟ ପତ୍ତନ କରିଛନ୍ତି |

'ଆରେ ଆପଣ କଣ କରୁଛନ୍ତି ?' କହି କହି ପଶିଆସିଲେ ପତିବାବୁ |

'ଏଇ ତ ମୁଁ ଆପଣଙ୍କ ପାଖକୁ ଯିବାକୁ ବାହାରୁଥିଲି |' ମୁଁ କହିଲି |

'ଆପଣ ପୁଣି କେବେ ଘରକୁ ଯିବେ ବୋଲି କହୁଥିଲେ ?'

'ହଁ... କଣ ହେଲାକି ?'

'ନାଇଁ, ଗୋଟେ ଜିନିଷ ସେପଟରୁ ଆଣିଥାନ୍ତେ |'

'ହଉ, ଏଇ କଥା? ଆଣିଦେବା, ଆଉ କିଛି ?' ମୁଁ ହସି ହସି ଜବାବ୍ ଦେଲି |

ଦୁହେଁ ବାହାରକୁ ବୁଲି ବାହାରିଲୁ |

କ୍ରମଶଃ

# ଡୁଡୁଲ୍‌ର ବଡ଼ ହାତୀ



ବିଦ୍ୟାଧର ପଣ୍ଡା

ମୋର ମନେ ପଡ଼ିଯାଏ ଗୋଟିଏ କଥା, ବିଶ୍ବାସକୁ ଦେଖିବାମାତ୍ରେ। ବିଶ୍ବାସ... ଡାକ ନାଁ ଡୁଡୁଲ୍। ହେଲେ ସେଇ ନାଁ ଟାକୁ ନିଜେ ବି କେବେ କହେନି। ଯିଏ ବି ତା ନାଁ ପଚାରିଲେ ଚଟପଟ୍ ଉତ୍ତର ଦିଏ... ବିଶ୍ବାସ। ଡୁଡୁଲ୍ ଡାକିଲେ ଅବଶ୍ୟ ଶୁଣେ, ହସି ହସି ପାଖକୁ ବି ଆସେ।

ଏଇ ଡୁଡୁଲ୍ ଟା ମୋର କୁନି ସଂସ୍କରଣ। ଏମିତି ଦୁଷ୍ଟ ଯେ ଭାଷାରେ ବୁଝାଇ କହି ହେବନାହିଁ। ଅବଶ୍ୟ ଖରାଛାଇର ଚମତ୍କାର ମିଶ୍ରଣଟିଏ। ଏଇମାତ୍ର ସୃଷ୍ଟି କରିଦେଇଥିବ ଖଣ୍ଡ ପ୍ରଳୟ, ପୁଣି ଟିକେ ପରେ ହସହସ ମୁହଁରେ ତାକୁ ଆବିଷ୍କାର କରିହେବ। ତା'ର ସବୁଠୁ ବଡ଼ ସାଙ୍ଗ ହେଉଛି ଦିଦି। ପାଖପଡ଼ିଶାର ଛୋଟ ପିଲା ନଥିବାର ଅଭାବ କେବେ ଅନୁଭବ କରିନି ସେ। ଚାରିବର୍ଷ ବଡ଼ ନାନୀ ସାଥିରେ ବାଲିଗଦାରେ ଖେଳିଆଠୁ ପଡ଼ିଶା ଘରେ ଯାଇ ବ୍ୟାଟ୍ ବଲ୍ ଖେଳ ପର୍ଯ୍ୟନ୍ତ ସବୁକିଛିରେ ସେ ଧୁରନ୍ଧର। ପୁଣି ସିଏ ସ୍ଥିତି ସହ ଖାପଖୁଆଇ ନେବାରେ ଓସ୍ତାଦ। ଏଇ ଧର ଝିଅ ସଂଧ୍ୟାବେଳେ ବସିକି ପାଠ ପଢୁଛି, ବାବୁ ଆମର ଚାଲିଯିବେ ବୋଉ ପାଖକୁ। ବୋଉ ମାନେ ମୋ ବୋଉ। ପିଲା ଦିନୁ ତାକୁ ବୋଉ ବୋଉ ଡାକିବା ପରେ ଧାରାରେ ପଡ଼ିଯାଇଛି ସିଏ। ଚୁପକିନା ଖସିଯିବ। ଆଉ ଆସ୍ତେ କରି ଡାକ ମାରିବ... ବୋଉ ଆ... ଆଛୁନୁ... ପିଂ ପଂ ବଲ୍ ଖେଳିବାନି କି? ବୋଉର ଆଉ କି ଚାରା। ବଡ଼ବାବୁଙ୍କ ହୁକୁମ୍ ଅମାନ୍ୟ କରିହେବ ନାହିଁ। ଅବଶ୍ୟ ବୋଉ ବେଳେ ବେଳେ ମନାକରେ। ହେଲେ ବିଶ୍ବାସ କି ମାନିବା ପିଲା। ଆ... ଆ... କହି ପୁରା ଜିଦ୍ ଧରିବସିବ। ନିହାତି ଅଝଟ ହେବ। ତଥାପି ଯଦି ବୋଉ ନ ଆସେ ତେବେ ତା' ଧଳା ଲୁଗାକାନି ଧରି ରୀତିମତ ଘୋଷାରି ଆଣିବ। ଆଉ ମନା କରିବାର ବାଟ କାଇଁ? ବାପାଙ୍କ ବିୟୋଗ ପରେ ଏକପ୍ରକାର ମନ ମାରି ରହୁଥିଲା ବୋଉ। ହେଲେ ଏଇ ପିଲା ଦି'ଟା ଆସିବା ପରେ ସେ ପୁଣି ଚାଙ୍ଗା ହୋଇଯାଇଛି। ଡୁଡୁଲ୍‌ର ପାଠ ପଢ଼ିବାକୁ ମନ ହେଲା ତ ସେଇ ବୋଉ। ନୂଆ ବହି ଖଣ୍ଡେ ଧରି ବସିଯିବ। ପୁଣି ବହିରୁ ମନ ଭାଙ୍ଗିଗଲେ ଘର ଭିତରୁ ଚକ୍ ଖଡ଼ି ଖଣ୍ଡେ ଖୋଜି ଆଣିବ। ପୁଣି ଆରମ୍ଭ ହୋଇଯିବ ଅଳି - ବୋଉ, ମୋ ପାଇଁ ହାତୀ ଚିତ୍ରଟେ

କରିଦେ | ବଡ଼ ହାତୀର ଚିତ୍ର ତା'ର ସବୁଠୁ ପ୍ରିୟ | ଏକ... ଦୁଇ... ତିନି... ଚାରି... ପାଞ୍ଚ... ଯେତେଟା ହାତୀର ଚିତ୍ର କଲେ ବି ମନ ବୁଝିବନି | ବଡ଼ ହାତୀଟିଏ ହେଲେ ଯାଇ ବାବୁ ଥୟ ହେବେ |

ଥିବ ଥିବ ହଠାତ୍ ପାଣିପାଗ ବଦଳିଯିବ | ଠିକ୍ ଖରାଦିନିଆ ଖଣ୍ଡିଆଭୂତ ବା ବର୍ଷାଦିନିଆ ଲଘୁଚାପର ଚରିତ୍ର ପରି | ପାନରୁ ଟିକେ ଚୂନ ଖସିଗଲେ ସରିଲା | ଯାହା ହାତରେ ପଡ଼ିଲା ଫିଙ୍ଗାଫିଙ୍ଗି କରିବା ସାଧାରଣ କଥା | ଆଉ ସ୍କେଲ୍ କି ବାଡ଼ି ଖଣ୍ଡେ ପଡ଼ିଗଲେ କି ସଚିନ ତେନ୍ଦୁଲକର ମ! ବାଡ଼ି ବୁଲିବ ସାଇଁ ସାଇଁ | କେହି ବି ଭରସିକି ପାଖକୁ ଯାଇ ପାରିବେ ନାହିଁ | ଏମିତିକା ପାଗର ଆୟୁଷ ଯଦିଓ କେବଳ କେଇ ମିନଟ୍ |

ଯେମିତି ଖରାପରେ ବର୍ଷା ଖଞ୍ଜା, ଠିକ୍ ସେମିତି ଯଦି ତା'ର ସବୁଠି ପ୍ରିୟ କଥାଟିକୁ କହିଦେଲା ତେବେ ସେଇଠି ସବୁ ଶେଷ | ବିଶ୍ବାସର କାର୍ଟୁନ ବହି କୁଆଡ଼େ ଗଲା... ମାମୁଁ ଘରକୁ ଯିବା ତାକୁ ନବାନି... ତୋ ନୂଆ ପ୍ୟାଣ୍ଟ କିଏ ନେଲା?... କିଛି ଆଉ ଯେମିତି ମନେ ନାହିଁ | ଗୋଟେ ନୂଆ କାହାଣୀର ଆରମ୍ଭ ଭଳି ପୁଣି ଫେରିଆସିବ ସବୁ ପୁରୁଣା ହସ | ପୂର୍ବ କଥା ଆଉ କିଛି ମନେ ନଥିବ | ଇୟେ ହେଉଛି ନିତିଦିନିଆ ରୁଟିନ୍ | ଚିତ୍ର ଅଙ୍କାଯାଉ କି ଝୁଲୁଥାଉ କିଛି ଫରକ ନାଇଁ | ଠାକୁରମାନେ ତ ତା'ପାଇଁ ଗୋଟିଏ ଲେଖାଏଁ ମାମୁଲି ଚିତ୍ର | ପୂଜା ଚାଲିଥିବା ବେଳେ ଉଠାଇ ଆଣିବ | ମନ କଲା ତ ମାଟି ପ୍ରତିମାର ମୁଣ୍ଡ ମୋଡ଼ିଦେବା ତା ପାଇଁ ସାଧାରଣ କଥା |

ସିଏ କଣ ଠାକୁରଙ୍କୁ ରାଗେ କି ? ଜମା ନୁହେଁ | ସିଏ ତ ଠାକୁରଙ୍କ ପରମ ଭକ୍ତ | ବୋଉ ସବୁଦିନ ଘରେ ପୂଜା କଲାବେଳେ ସୁନାପିଲା ପରି ଯାଇ ପାଖରେ ବସିଥିବ | ଠାକୁରଙ୍କୁ ତିଳକ ଲଗାଇ ଦେବାବେଳେ କହିବ... ମତେ ଲଗେଇ ଦେଉନୁ? ତିଳକ ଲଗାଇବାକୁ ଏମିତି ଦେଖାଇ ଦେଉଥିବ ଯେମିତି ସନ୍ଥ ତୁଳସୀ ଦାସ କି କବି ଜୟଦେବ ସ୍ବଦେହରେ ବସିଛନ୍ତି ଆମ ଘରର ମନ୍ଦିର ସାମନାରେ | ଆହା... କି ପରମ ଶାନ୍ତି | ପୁଣି ନିତି ସଂଜବେଳେ ଭକ୍ତିଭାବରେ ଜୁବୁବୁବୁ ହୋଇ ଠାକୁରଙ୍କୁ ଧୂପ ଦେବା ବିଶ୍ବାସର ନିୟମିତ

ଅଭ୍ୟାସ | ଅନ୍ୟ କିଏ ବି ଧୂପକାଠି ଜଳାଇ ଦେଲେ ହେବନାହିଁ | ତୁଳସୀ ଚଉରା ମୂଳେ ମୁଣ୍ଡିଆ ନ ମାରିଲେ ସଂଧ୍ୟା ଯେମିତି ଆରମ୍ଭ ହୁଏ ନାହିଁ |

ବେଳେ ବେଳେ ଲାଗେ ଏଇ ବିଶ୍ବାସଟା କେତେ ବିଚକ୍ଷଣ | ଓଳିଆରୁ ପୁରା ଗଜା ହୋଇଛି ଯେମିତି | ଆଉ ଆମେ ସବୁ ତା'ଆଗରେ ନିହାତି ଗୋଟେ ଗୋଟେ ପିଲା ହୋଇଯାଉଛୁ | ଆଉ ସେ ଦ୍ରୁତ ଗତିରେ ବଡ଼ ହୋଇ ହୋଇ ଯାଉଛି | କେତେ ତାକୁ ଜବାବ ଦେବ ? ଶହ ଶହ କାହିଁକିର ବନ୍ୟା... କୋଉଠୁ ବାବା ସେ ଏତେ ପ୍ରଶ୍ନ ଆଣି ସାଇତି ରଖିଥାଏ କେଜାଣି?

ପ୍ରଶ୍ନପରେ ପ୍ରଶ୍ନ ପଚାରି ଏମିତି ହାଲିଆ କରିଦେବ ଯେ ଘରକୁ ନୂଆ କରି ଆସିଥିବ ଅଡୁଆରେ ପଡ଼ିଯିବ | ବୟସ ତା'ର କେତେ କି ? କଅଁଳ ପିଲାଟା | ତା'ର ସରଳ ହସ ହସ ମୁହଁଟିକୁ ଦେଖିଲେ କିଏ ବା ରାଗି ପାରିବ? ବିଲେଇ ଛୁଆଟି ପରି ନିହାତି ଗେଲେଇ ହୋଇ ଆଖ ପାଖରେ ଲସର ପସର ହେବ | ତା'ପରେ ବସିଥିଲେ କୋଳରେ ଯାଇ ବସି ପଚାରୁଥିବ ଏଇଟା କଅନ... ସେଇଟା କଅନ...? ଶୋଇଥିଲେ ତ ତା'ର ବଢ଼ିଆ ଆରାମ | ପିଠି ଉପରେ ଲଦି ହୋଇ ବସିପଡ଼ିବ ଆଉ କହିବ, ବାଘ ଉପରେ ଛେଳି... ଆଉ ପ୍ରଶ୍ନ ଉପରେ ପ୍ରଶ୍ନ ପଚାରିବାରେ ଜମା ହେଳା କରୁନଥିବ | ଧର ସିଏ ପଚାରିଲା ଆଉ ତମେ କିଛି ନ କହିଲ ତେବେ ସବୁ ସରିଲା ଜାଣ | ଶୋଇବା ଘରୁ ସିଧା ଦୁଆରକୁ... ନହେଲେ ଯା ପାଖରେ ବସିଥିବ ସେଠୁ ଚାଲିଯିବ ଅନ୍ୟ କାହା ପାଖକୁ |

ଦୁଇ ବର୍ଷ ପୁରିଲା ବେଳକୁ ସିଏ ଏତେ କଥାରେ ମାଷ୍ଟର ଯେ ଆମେ ସମୟରେ ଦଶବର୍ଷ ହେବା ବେଳକୁ ବୋଧହୁଏ ଏତେ କଥା ଜାଣୁନଥିଲୁ | ରିମୋଟ୍ ଠୁ ଆରମ୍ଭ କରି ଇନ୍‌ଭର୍ଟର ଯାଏଁ ସବୁ ତାକୁ ଜଣା | ଫୋନ୍ ରିଙ୍ଗ୍ ହେଲେ କେମିତି ଜାଣେ ବାବା ସିଏ ଭଗବାନଙ୍କୁ ଜଣା | ଯେଉଁଠି ଥାଉ ଫୋନ୍ ପାଖକୁ ଦଉଡ଼ି ଆସିବ | ରିସିଭର ଉଠେଇ କହିବ... ହାଲୋ | ଆଉ ମୋବାଇଲ୍ ବାଜିଲେ ବି ସେଇମିତି ଦଉଡ଼ି ଆସିବ | ଫୋନ୍ ଦେବ କେବଳ ମୋତେ ନହେଲେ ତା ମାମାକୁ | ସେମିତି ଲାପ୍‌ଟପ୍ ଖୋଲିଲା ବେଳକୁ ବି

ସେ ହିଁ ଥିବ। ଜିଦ୍ ଧରିବ ମୁଁ ଧରିବି, ଅନ୍ କରିବି...।

ତାକୁ କାହିଁକି ଏତେ ମଜା କରିବାକୁ ଦିଆଯାଉଛି ସେଥିପାଇଁ ଝିଅ ସେପଟେ ନାକ ସୁଁ ସୁଁ ଆରମ୍ଭ କରି ଦେଇଥିବ। କାରଣ ଏକା ଏକା ସ୍ୱାଧୀନ ଭାବେ ଲାପ୍‌ଟପ୍ ଚଳାଇବାକୁ ତା'ର ବି ପ୍ରଚଣ୍ଡ ଆଗ୍ରହ। ଅବଶ୍ୟ ସିଏ ବୟସରେ ବଡ଼। ପୁଣି ସ୍କୁଲରେ ଗୁରୁମା' ମାନଙ୍କର ଆଜ୍ଞାଧୀନା ଛାତ୍ରୀ। ଲାଗନା ବୋଲି ମନା କଲେ ମାନିଯାଏ। ହେଲେ ପୁଅଟା ତ ସାନ। ନିଜର ଅଧିକାର ଜାହିର କଲା ଭଳି ସବୁବେଳେ ମାଡ଼ି ବସୁଥିବ। ମାଉସ୍‌ର ଚକକୁ ଘିରି ଘିରି ବୁଲାଇଲେ କି କି ବୋର୍ଡ୍‌ରେ କିଛି ଟାଇପ କରିଦେଲେ କିଛି କହି ହେଉନଥିବ। ଏଇ ଆଶଂକାରେ ଯେ, ପାଟିକଲେ ସେ ତା'ଉପରେ ଠିଆ ହୋଇ କାଳେ ନାଚିବ କିମ୍ବା ଅପ୍ରତ୍ୟାଶିତ ଭାବରେ କୌଣସି ଜିନିଷ ଆଣି ଲାପ୍‌ଟପ୍‌ର ସ୍କ୍ରିନ ଉପରେ ପକାଇଦେବ। ଥରେ ସେମିତି କରିଦେଇଥିଲା ମଧ। ତେଣୁ ପିଲାଳିଆମୀର ମଜା ଦେଖିବା ଅପେକ୍ଷା ଟିକେ ସମ୍ଭାଳିଗଲେ ଭଲ।

ଝିଅର ପ୍ରବଳ ଇଚ୍ଛା କମ୍ପ୍ୟୁଟରରେ ଚିତ୍ର କରିବ। ପେଣ୍ଟ୍ ବ୍ରସରେ ଯାଇ ଚିତ୍ର କରିବ। କିନ୍ତୁ ତୁତୁଲ୍ କହିବ ଫଟୋ ଦେଖିବି, ବାବା ମାମା ଫଟୋ ଦେଖିବି, ନନ୍ଦନ କାନନ ଦେଖିବି। ଝିଅ ଚିତ୍ର କରିବା ସମୟରେ ବେଳେ ବେଳେ ତୁତୁଲ୍‌ବି ଦେଖେ, କିନ୍ତୁ ସେ କେବେ ଚିତ୍ର କରିବାପାଇଁ ଇଚ୍ଛା ପ୍ରକଟ କରେ ନାହିଁ। ଚକ୍ ଖଡ଼ି ଖଣ୍ଡେ ଧରିଲେ ସେମିତି ଗାରେଇ ଯାଉଛି ମାର୍ବଲ ଓ ସିମେଣ୍ଟ ଉପରେ। ହାତୀର ଛବି ଆଙ୍କୁଛି। ପୁଣି ବୋଉକୁ ଡାକୁଛି... ଆ... ବଡ଼ ହାତୀ ଚିତ୍ର କରିବାନି କି ? ବୋଉର ବଡ଼ ହାତୀ ଚିତ୍ର ପ୍ରତି ଆକର୍ଷଣ କମିନି।

ତୁତୁଲ୍‌ର ଜିଦ ସବୁର ତାଲିକା ଲମ୍ବା। ରସବତୀ ଗିଲାସରେ ପାଣି ପିଇବ ମାନେ ସେଥିରେ ହିଁ ପିଇବ। ଆଉ ତମେ କାଚ କି ସୁନା ଗ୍ଲାସରେ ଆଣି ପାଣି ହାତକୁ ଧରାଇ ଦେଲେ ବି ହେବନି। ରସବତୀ ଗିଲାସ କୋଉ ଐତିହାସିକ କି ଦାମିକା ଗ୍ଲାସ୍ ନୁହେଁ। ଏକ ଛୋଟ ଗ୍ଲାସ୍, ଯେଉଁଟା ଏକାନ୍ତ ଭାବରେ ତା'ର। ମାନେ ସିଏ ସେଇ ଗ୍ଲାସର ମାଲିକ।

ଆଉ କେହି ସେଥିରେ ହାତ ଲଗାଇ ପାରିବେନି । ସେମିତି ତା' ସାଇକେଲରେ କାହାକୁ ବସାଇ ଦେବନି । ସାଇକେଲଟା ଅରଖ ନୂଆ କି? ନା । ଝିଅ ପିଲାଦିନେ ସେଇଟାକୁ ଚଳାଇ ଚଳାଇ ଘଷରା ହୋଇଯାଇଥିବା ତିନିଚକିଆ ସାଇକେଲଟା । ସେଇଟାକୁ ଦିନରେ ନିଦ ନ ହେଲେ ଦିପ୍ରହର ସାରା ଘରର ମାର୍ବଲ ଚଟାଣ ଉପରେ କଲେଜ୍ ପିଲାଙ୍କ ନୂଆ ବାଇକ୍ ଭଳି ଘିର୍ ଘିର୍ କରି ଚଳାଉଥିବ । ଲାପ୍‌ଟପ୍‌ରେ ଆମର, ତା ମାମୁ-ମାଇଁଙ୍କର ବାହାଘର ଭିଡ଼ିଓ, ଭଜନ, ବିଭିନ୍ନ ପଶୁପକ୍ଷୀଙ୍କ ଗତିବିଧିର ଜୀବନ୍ତ ଭିଡ଼ିଓ ଛବି ଦେଖିବାକୁ ଭଲପାଏ ତୁତୁଲ୍ । ତଥାପି ସିଏ କେବେ ବି ଲାପ୍‌ଟପ୍‌ରେ ବଡ଼ ହାତୀର ଚିତ୍ର ଆଙ୍କିବାକୁ କହେନି । ସବୁବେଳେ ଜିଦ୍ କରୁଥିବା ପିଲାଟା ଜମା ଜିଦ୍ ନ କଲେ ଗୋଟେ ଅଲଗା ଲାଗିବ ନା ନାଇଁ?

ଘରେ ଥିବା ବେଳେ ମୁଁ ବି ତା'ର ସାଙ୍ଗ । କେବେ କେବେ ମୁଁ ତାକୁ ଦୁଇ ହାତରେ ଟେକି ହେଲିକପ୍ଟର ଭଳି ଉଡ଼ାଏ । ଏଇଟା ତା'ର ଭାରି ପସନ୍ଦ । ପୁଣି ବେଳେ ବେଳେ ଗାଁ ଭିତରକୁ ବୁଲାଇ ନିଏ । କେବେ କେମିତି ମୋ ସାଥିରେ ଦୋକାନକୁ ଯାଏ । ସେଠି କ'ଣ ଖାଇବୁ ପଚାରିଲେ ବଡ଼ ଲୋକ ଭଳି କୁହେ,... ଘରେ ଖାଇବାନି କି? ଆମେ ପ୍ରାୟ ସବୁବେଳେ ବାପା-ପୁଅ ଖେଳୁ । ମୋ ପେଟ ନ ହେଲେ ପିଠି ଉପରେ ସେ ଶୋଇବ । ମୁଁ କହିବି ଆମେ?.. ସିଏ ପାଳି ଧରିବ... ବାପାଆଆଆଆପୁଅଅଅଅ.... । ମୁଁ କେତେବେଳେ ବାପା ତ ସିଏ କେତେବେଳେ ବାପା ।

ଏମିତି ଖେଳିବା ବେଳେ ପଚାରିଲି, ଲାପ୍‌ଟପ୍‌ରେ ହାତୀ ଚିତ୍ର କରିବୁ? ନା... । ପାମ୍ପୁଲାଇଲି ତାକୁ... କରୁନୁ... । ହେଲେ ସିଏ କୋଉ ଛାଡୁଛି... କହିଲି ପରା ନାଇଁ... ଲାପ୍‌ଟପରେ ହାତୀ ଚିତ୍ର କରିବିନି... ।

ତା'ପରେ କହିଲା - ବାପା, ତମେ ମୋ ବଡ଼ ହାତୀଇଇ କେତେ ବଡ଼ ଜାନିଛଅଅ ? ବାରଣ୍ଡାରେ ବୋଉ କେତେ ବଡ଼ ହାତୀଇଇ କରି ଦୋଉଚିଇଇ ତମେଏଏ ଦେଖିଚଅଅ? ... ଏତେଏଏ ବଡ଼ଅଅ । ହାତୀଟା କେତେ ବଡ଼ ତୁତୁଲ ଦେଖାଉଥାଏ ତା'ର

ଦୁଇହାତ ପ୍ରସାରିତ କରି | ପ୍ରଜାପତି ପରି ଡେଣା ଦୁଇଟା ସମ୍ପୂର୍ଣ୍ଣ ମେଲାଇ ସାରିବା ପରେ ବି ସେତିକିରେ ଅଟକୁ ନଥାଏ | ତା' ହାତୀକୁ ଆହୁରି ବଡ଼ କରି ଦେଖାଇବାକୁ ଡୁଡୁଲ୍‌ର କୁନି ହାତ ଦୁଇଟା ନିହାତି ଅସମର୍ଥ ହେଉଥାନ୍ତି | ହେଲେ ଏଥିରେ ନା ତା'ର କି ମୋର ଆଉ କିଛି କରିବାର ନଥାଏ | ଆ'ଭିତରେ ମୁଁ ହଜିଯାଇଥାଏ ଏକ ଭିନ୍ନ ଦୁନିଆରେ | ସତରେ ଗୋଟେ ପିଲାର କଳ୍ପନାର ଦୁନିଆ କେତେ ବିଶାଳ | ଆଉ ତା ତୁଳନାରେ ଲାପ୍‌ଟପ୍ ସତରେ କେତେ ଛୋଟ | ଏଥିରେ କି ଆଙ୍କି ହେବ ଡୁଡୁଲର କଳ୍ପନାର ଇଲାକାକୁ ସମ୍ପୂର୍ଣ୍ଣ ଭାବେ ବ୍ୟାପ୍ତ ରହିଥିବା ବିଶାଳ ହାତୀର ଚିତ୍ରକୁ ? ତା'ର ବଡ଼ ହାତୀଟି ଅସଲରେ କ'ଣ କେବଳ ହାତୀ ଟିଏ ? ହାତୀର ରଙ୍ଗ କଣ ଧଳା? ଏ ହାତୀଟା ପ୍ରକୃତରେ ତା'ପାଇଁ ଏକ ରସମୟ ସମବେତ ସଙ୍ଗୀତ... ଯାହାର ଲିରିକ୍‌ଟା ଏମିତି... | ଦିପ୍ରହରର ନିରୋଳା ବେଳ... ତା'ସାଙ୍ଗକୁ ବୋଉର କୋଳ... ଚକ୍ ଖଡ଼ିରେ ଅଙ୍କା ଚିତ୍ରର ଦୃଶ୍ୟରେ ଡୁଡୁଲ୍ ପୁରା ଭୋଳ... | ଅସଲ ହାତୀର ଚିତ୍ରଟା ତା' ମନରେ ଥିବ କି ନାଇଁ ଜାଣି ବି ହେବନି ଜମା | ଏମିତିକା ଖୁସି ଦେଉଥିବା ହାତୀର ଚିତ୍ର ଲାପ୍‌ଟପ୍‌ରେ କେମିତି ଆଙ୍କିହେବ ଯେ ?

# ପ୍ଲାଟଫର୍ମର ଗୋଟିଏ ରାତି



ସନମ୍ କୁମାରୀ

୨୦୦୬ ମସିହାର ଏକ ଦିନ । ଛାତ୍ରୀ ଜୀବନରେ ଅଧିକ ପଢ଼ିବା ଆଶାରେ କୌଣସି ଇଞ୍ଜିନିୟରିଂ କଲେଜରେ ନାମ ଲେଖେଇବା ପାଇଁ ଭୁବନେଶ୍ବର ଠାରେ ଅନୁଷ୍ଠିତ କାଉନ୍ସେଲିଂ ପାଇଁ ଯାଇଥିଲି । ଫେରୁ ଫେରୁ ବିଳମ୍ବ ହୋଇଗଲା ଆଉ ଷ୍ଟେସନରେ ପହଞ୍ଚିବାପରେ ଜାଣିବାକୁ ପାଇଲି ଯେ ସେହି ଦିନ ପାଇଁ ଆମ ସହର ଅଭିମୁଖେ ଯାଉଥିବା ଶେଷ ଟ୍ରେନଟି ମଧ ଚାଲିଯାଇଥିଲା । ଅଗତ୍ୟା ସେଇ ଷ୍ଟେସନ୍ ପ୍ଲାଟଫର୍ମରେ ରାତ୍ରୀଯାପନ କରିବା ଛଡ଼ା ଆଉ କୌଣସି ଉପାୟ ନଥିଲା । ସେହି ରାତିରେ ଯାହା ସବୁ ଦେଖିଲି ସେ ସବୁ ଦେଖିବାପରେ ମର୍ମେ ମର୍ମେ ଅନୁଭବ କରିପାରୁଥିଲି ଜୀବନଟା କେଡ଼େ ନିଷ୍ଠୁର ହୋଇପାରେ । ମୁଁ ଖାଲି ସେ ସବୁ ଦେଖିଲି ସିନା କିଛି କରିପାରିଲି ନାହିଁ ।

ରାତ୍ରୀ ଭୋଜନ ସାରିଦେଇ ପ୍ଲାଟଫର୍ମ ଟିକେଟ୍ ନେଇ ଆମେ ସବୁ ଷ୍ଟେସନ ପ୍ଲାଟଫର୍ମ ଉପରେ ବସିଥିବା ବେଳେ ମୋର ଦୃଷ୍ଟିରେ ପଡ଼ିଥିଲା ଗୋଟିଏ ଭିକାରୀ । ଯିଏ ନିଜ ଆହାର ଯୋଗାଡ଼ କରିବାପାଇଁ ସେଠାରେ ଉପସ୍ଥିତ ଶ୍ବାନଦଳ ସହ କନ୍ଦଳରତ ଥିଲା । ଏହି ଦୃଶ୍ୟ ଯେତେ ଆମୋଦକର ଲାଗିପାରେ ମୋତେ ସେତେ ଆଶ୍ଚର୍ଯ୍ୟଜନକ ଲାଗିଥିଲା । ଆମ ସମାଜ ଓ ଦେଶ ପାଇଁ ଏକ ଲଜ୍ଜାଜନକ ଓ ଦୁଃଖଦାୟକ ଦୃଶ୍ୟ । ଏକବିଂଶ ଶତାବ୍ଦୀରେ ପଦାର୍ପଣ କରିବାପରେ ଏବଂ ଏକ ଦୃତ ପ୍ରଗତିଶୀଳ ରାଷ୍ଟ୍ରଭାବେ ମାନ୍ୟତା ପାଇଥିବା ଭାରତର ଏକ ରାଜ୍ୟ ଓଡ଼ିଶାର ରାଜଧାନୀର ମୁଖ୍ୟ ରେଳ ଷ୍ଟେସନରେ ଜଣେ ବ୍ୟକ୍ତି ନିଜ ରାତ୍ରୀଭୋଜନ ପାଇଁ କୁକୁର ମାନଙ୍କ ସହ ଯୁଦ୍ଧ କରୁଥିଲା । ପ୍ରତିଦିନ ଟିଭି ଓ ରେଡ଼ିଓରେ ଅସଂଖ୍ୟଥର ଦେଶ ପ୍ରଗତିଶୀଳ ବୋଲି କୁହାଯାଉଥିଲେ ବି ମୋତେ କାହିଁକି କେଜାଣି ଲାଗୁଥିଲା ସତେ ଯେମିତି ଆମେ ଇତିହାସରୁ ଆଗକୁ ବଢ଼ିନାହୁଁ ।

ଏଠି ପ୍ରତି ଗ୍ରାମକୁ ଭଲ ସଡ଼କ ଯୋଗାଇ ଦିଆଯାଉଛି, ଗରୀବ ମାନଙ୍କୁ ମାଗଣାରେ ଇନ୍ଦିରା ଆବାସ ଦିଆଯାଉଛି, ଅନ୍ନପୂର୍ଣ୍ଣା ଯୋଜନାରେ ଖାଦ୍ୟ, ସ୍ବାସ୍ଥ୍ୟ ଏବଂ ସମସ୍ତ ସୁବିଧା ଯୋଗାଇ ଦିଆଯାଉଥିବା କଥା ସମସ୍ତଙ୍କୁ ଜଣାଇ ଦିଆଯାଉଛି, ଅଥଚ ମୋ ଆଖି ଆଗରେ ଜଣେ ମନୁଷ୍ୟ ନିଜ ଖାଦ୍ୟ ପାଇଁ ପଶୁମାନଙ୍କ ସହ ଯୁଦ୍ଧ କରୁଛି! ଏ ସବୁ

ଦେଖିବାପରେ ମନ ଆପେ ଆପେ ଦୁର୍ବଳ ହୋଇଗଲା ଓ ନିଜ ଦେଶର ଏ ଅବସ୍ଥା ପାଇଁ ଦୁଃଖ ଲାଗିଲା |

ମନେ ପଡ଼ିଲା, କାଉନ୍ସେଲିଂ ସମୟରେ ମୋର ଜଣେ ବନ୍ଧୁଙ୍କ ବାପାଙ୍କ କଥା | ସେ କହୁଥିଲେ, ଯେତେ ଟଙ୍କା ଲାଗୁପଛେ ମୋ ପୁଅକୁ ମୁଁ ଭଲ କଲେଜରେ ଜଏନ କରାଇବି | ଏହିପରି ଲୋକ ମାନଙ୍କୁ ଦେଖି ବୋଧହୁଏ ସରକାର ଘୋଷଣା କରିଦେଇଥିଲେ ଯେ ଭାରତ ଉନ୍ନତି କରୁଛି | ଅଥଚ ଏହିପରି ଲୋକଙ୍କ ବ୍ୟତୀତ ଆହୁରି ଅନେକ ଲୋକ ଅଛନ୍ତି, ଯେଉଁମାନେ ଉନ୍ନତି ଓ ପ୍ରଗତି କେବଳ ଭାଷଣରେ ହିଁ ଦେଖିଛନ୍ତି | ସେହି ରାତିରେ ସେହି ଲୋକର ଅବସ୍ଥା ଦେଖି ମୋ ଆଖିରେ ଲୁହ ଜକେଇ ଆସିଥିଲା | ୨୦୨୦ ମସିହା ବେଳକୁ ଆମ ଦେଶ ଏକ ଅନନ୍ୟ ବିକଶିତ ରାଷ୍ଟ୍ରର ମର୍ଯ୍ୟାଦା ପାଇବ, ଆମ ଦେଶର ଡାକ୍ତର, ବୈଜ୍ଞାନିକ, ଇଞ୍ଜିନିୟର୍ ମାନଙ୍କୁ ନେଇ ଅନ୍ୟ ଦେଶମାନେ ସମ୍ପର୍ନ୍ନ | ଆମେ ସେଇ ରାଷ୍ଟ୍ର ଯେଉଁଠି ଶିକ୍ଷାପ୍ରାପ୍ତ ଯେ କୌଣସି ବ୍ୟକ୍ତିକୁ ବିଦେଶରେ ସମ୍ମାନର ସହ ଉଚ୍ଚ ଦରମାରେ ଚାକିରୀ ମିଳିପାରୁଛି ଏବଂ ଆମ ଦେଶରୁ ଶିକ୍ଷାପ୍ରାପ୍ତ ବ୍ୟକ୍ତିମାନଙ୍କ ହେତୁ ହିଁ ଅନ୍ୟ ଦେଶମାନେ ବିକଶିତ ବୋଲି ଦାବୀ କରିପାରୁଛନ୍ତି, ଇୟେ ସେଇ ରାଷ୍ଟ୍ର ତ ? ମୋ ମନରେ ଉଠିଥିବା ଏହି ସନ୍ଦେହ ଅଦ୍ୟବଧି ଅସମାହିତ ହୋଇ ରହିଛି |

କିଛି ସମୟପରେ ଅନ୍ୟ ଏକ ଭିକାରୀ କିଛି ଖାଦ୍ୟ ନେଇ ଆସିବାପରେ ପୂର୍ବୋକ୍ତ ଭିକାରୀଟି ନିଜ ଯୁଦ୍ଧ ତ୍ୟାଗ କରିଥିଲା | ଏହାପରେ ଦୁହେଁ ଏକାଠି ଭୋଜନ କରିଥିଲେ | ପେଟର ଭୋକ ମନୁଷ୍ୟକୁ ପଶୁ କରିଦିଏ | ପ୍ଲାଟଫର୍ମରେ ଏମିତି ଅର୍ଦ୍ଧନଗ୍ନ ହୋଇ ଶୋଇଥିବା ଅନେକ ଭିକାରୀ ମଧ୍ୟ ମନୁଷ୍ୟ | ଅନେକ ଜନ୍ମର ତପସ୍ୟା ପରେ ଜଣେ ମନୁଷ୍ୟ ଜନ୍ମ ପାଇଥାଏ ବୋଲି ବାପା କହିଥିଲେ | ଅଥଚ ଏହି ମନୁଷ୍ୟମାନେ ପଶୁମାନଙ୍କ ଠାରୁ କୌଣସି ଗୁଣରେ ଅଧିକ ଲାଗୁନଥିଲେ | ଅଧାପେଟ ଖାଇଦେଇ ସେଇ ପ୍ଲାଟଫର୍ମରେ ବିନା କପଡ଼ା ଓ ଘୋଡ଼ଣୀରେ ଶାନ୍ତିରେ ଶୋଇଯାଇଥିଲା ଗୋଟିଏ ଭିକାରୀ | ବୋଧହୁଏ କୁକୁର ମାନଙ୍କ ସହ କଳି କରି ହାଲିଆ ହୋଇଯାଇଥିଲା | ଅନ୍ୟ ଜଣେ ଆମ

ପାଖରେ ଆସି ବସିଥିଲା ଏବଂ ଆକାଶକୁ ନିରେଖି କରି ଦେଖୁଥିଲା |

କେମିତି ଏଇ ପ୍ଲାଟଫର୍ମକୁ ଆସିଲ? ଆମେ ଗୋଟିଏ ରାତି ନିଜ ଘରୁ ବାହାରେ ରହି ପାରୁନାହୁଁ, ତୁମେ ଏଠି କେମିତି ରହୁଛ ? ଏମିତି ଅନେକ ପ୍ରଶ୍ନ ମୁଁ ତାକୁ ପଚାରିଥିଲି | ସେ ଜମାରୁ ବିଚଳିତ ନ ହୋଇ ମୋର ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦେଇଥିଲା |

ଆମର ଜନ୍ମ ତାରିଖ, ଜନ୍ମ ସ୍ଥାନ, କିଛି ଆମେ ଜାଣିନୁ | ଆମକୁ କିଏ ଏଠାକୁ ଆଣିଥିଲା ତାହା ଇତିହାସ | ନା ବାପାକୁ ଦେଖିଛୁ ନା ମା କୁ ? ଆମ ପାଇଁ ପରିବାର ଏଇ ପ୍ଲାଟଫର୍ମ୍ | ଏଠି ବଢ଼ିଛୁ | ଖାଇବାପାଇଁ ବୁଲା କୁକୁର, ଷଣ୍ଢ ଓ ଗାଇଙ୍କ ସହ କଳି କରୁଛୁ | ଅନ୍ୟ ଆଗରେ ହାତ ପତେଇ ଠିଆ ହୋଇ ରହୁଛୁ | ଯେ ଯାହା ଦେଲା ତାକୁ ନେଇ ପେଟ ପୋଷୁଛୁ | ଏଇଠି ଜନ୍ମ ଏଇଠି ମରଣ ହେବ ଜାଣିଛୁ | ଆମ ପାଇଁ ଘର, ମନ୍ଦିର ସବୁ ଏଇ ପ୍ଲାଟଫର୍ମ୍ | ଆମେ ମନୁଷ୍ୟ ବୋଲି କେହି ଗଣନ୍ତି ନାହିଁ | କାରଣ ଆମେ ଭୋଟ ଦେଉନୁ | ଆମର ଭୋଟର କାର୍ଡ ନାଇଁ କି କୌଣସି ସହର ଗଳି କିମ୍ବା ସାହିରେ ଆମ ନାଁ ନାହିଁ | ଏଇ ପ୍ଲାଟଫର୍ମରେ ପ୍ରତିଦିନ ଅସଂଖ୍ୟ ଲୋକ ଆମକୁ ନ ଦେଖି ଚାଲିଯାଉଛନ୍ତି, କାରଣ ଆମର ଅସ୍ତିତ୍ବ ନାହିଁ | ଆମେ ସରକାରୀ ଖାତାରେ ନାହୁଁ |

ମନେ ମନେ ଭାବୁଥିଲି, ଏମିତି ହୋଇ ପାରନ୍ତା କି, ଏହି ଷ୍ଟେସନ ପରି ଆମ ରାଜ୍ୟ ଓ ଦେଶର ଅଗଣିତ ଷ୍ଟେସନରେ ପଡ଼ିରହିଥିବା ଏହି ଭିକାରୀମାନଙ୍କୁ ଭାରତୀୟ ନାଅରିକତ୍ବର ଅଧିକାର ମିଳିପାରନ୍ତା | ସେମାନେ ବି ଭୋଟ୍ ଦେଇପାରନ୍ତେ | ସେମାନେ ରହିବା ପାଇଁ ଆଶ୍ରୟସ୍ଥଳ ତିଆରି ହୋଇପାରନ୍ତା | ରୋଜଗାର ଓ ସମ୍ମାନୀୟ ଜୀବନପାଇଁ ସବୁ ସୁବିଧା ହୋଇପାରନ୍ତା | ମୋ ଆଶା କେବେ ପୁରଣ ହେବା ଜାଣିନଥିଲି, କିନ୍ତୁ ବ୍ରହ୍ମପୁର ଯିବାପାଇଁ ଏକ ଟ୍ରେନ ଆସୁଥିବାର ଘୋଷଣା ହେଉଥିଲା ଓ ଆମେ ସବୁ ନିଜ ଜିନିଷ ଉଠେଇ ଟ୍ରେନରେ ବସିବା ପାଇଁ ଆଗକୁ ବଢ଼ିଯାଇଥିଲୁ |

# ଉଦ୍‌ଘାଟନ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ସଦ୍ୟ ସମାପ୍ତ ନଗର ନିଗମ ନିର୍ବାଚନ ପରେ, ବିଭିନ୍ନ ଜିଲ୍ଲାରୁ ଖବର ଦେଖୁ ଦେଖୁ ନିର୍ବାଚନ ପ୍ରଭାରୀ ଶ୍ରୀ ହରିହର ପ୍ରଧାନବାବୁଙ୍କ ନଜରରେ ପଡ଼ିଲା ଗୋଟିଏ ଖବର | ରାଜ୍ୟର ଗୋଟିଏ ସହରରେ ଗୋଟିଏ ୱାର୍ଡ଼ରେ ଆମ ଦଳର ପ୍ରାର୍ଥୀ ହାରିଯାଇଛନ୍ତି | ସେ ଚମକି ପଡ଼ିଲେ | ଆମ ଦଳର ପ୍ରାର୍ଥୀ ହାରିଲା କେମିତି ? ସେ ନିଜେ ନିର୍ବାଚନ ତଦାରଖ କରି ନିର୍ବାଚନ ପୂର୍ବରାତିରେ ସମ୍ପୃକ୍ତ ଅଞ୍ଚଳରେ ଦାନାପାଣି ସହିତ ସବୁଜ ନୋଟ ବାଣ୍ଟି ଆସିଥିଲେ | ଅଗତ୍ୟା କଥାଟା ସେ ଦଳୀୟ ପ୍ରମୁଖଙ୍କ କାନରେ ପକେଇଦେଲେ | ଦଳୀୟ ପ୍ରମୁଖ ଶ୍ରୀ ନିର୍ମଳ ହୋତା | ଭାରୀ ଅମାୟିକ ଓ ଜ୍ଞାନୀ ସ୍ବଭାବର ବ୍ୟକ୍ତି | ସେ ବି କଥାଟାକୁ ଗୁରୁତ୍ବର ସହ ବିଚାର କରି କହିଲେ, 'ବୁଝିଲ ହରିବାବୁ, ୨୦୧୪ ଆଉ ବେଶି ଦିନ ନାହିଁ, ଯଦି ଏମିତି ଆମେ ହାରିବା ତା ହେଲେ ୨୦୧୪ ରେ ସମୂଳେ ନାଶ ହୋଇଯିବା | କିଛି ଗୋଟିଏ କରିବାକୁ ପଡ଼ିବ |'

ହରିହର ବାବୁ ନିଜ ବ୍ୟକ୍ତିଗତ ଉପଦେଷ୍ଟାମାନଙ୍କ ସହ ବିଚାର ବିମର୍ଷ କରି କହିଲେ, 'ସାର୍, ମୁଁ ଭାବୁଛି ଆମେ ସେଇ ଅଞ୍ଚଳରେ ଗୋଟିଏ ସଭାର ଆୟୋଜନ କରିବା | ଆଉ ଭୋଟର ମାନଙ୍କ ମତାମତ କାହିଁକି ପରିବର୍ତ୍ତନ ହେଲା, ସେଇଟା ଜାଣିବାକୁ ଚେଷ୍ଟା କରିବା |'

ନିର୍ମଳବାବୁ ନିର୍ମଳ ଭାବରେ ବୁଝେଇଦେଲେ, 'ନା, ନିର୍ବାଚନ ପରେ ଆଉ କି ସଭା ? ଲୋକ ଆସିବେନି |'

ହରିବାବୁ ପୁଣି ନିଜ ତୀକ୍ଷ୍ଣ ବୁଦ୍ଧିର ପରିଚୟ ଦେଇ କହିଲେ, 'ସାର, ସେ ଅଞ୍ଚଳରେ ଗୋଟେ ବଡ଼ ବ୍ରିଜ୍ ତିଆରି ହେଉଚି, ଆପଣ କହିଲେ, ସେଇଟାକୁ ଉଦ୍ଘୋଚନ କରିବା ପାଇଁ ଗୋଟିଏ ସଭା କରିବା |'

ନିର୍ମଳ ବାବୁ ସାମାନ୍ୟ ଚିନ୍ତା କରିବାପରେ କହିଲେ, 'ଠିକ୍ ଅଛି, ଯାହା କରିବାର ଅଛି, ଏଇ ଦିନେ ଦୁଇଦିନ ମଧ୍ୟରେ କରିଦିଅ | ତା'ପରେ ମୁଁ ଦିଲ୍ଲୀ ଯିବ | ହାଇକମାଣ୍ଡଙ୍କ ସହ ମୋର ମିଟିଂ ଅଛି |'

ରାଜଧାନୀରୁ ଖବର ଆସିଲା | ଅମୁକ ଦିନ ମହାମାନ୍ୟ ଆସି ଏଠାରେ ନିର୍ମାଣାଧୀନ ବ୍ରିଜକୁ ଉଦ୍ଘାଟନ କରିବେ ଆଉ ଫଳକ ଲଗେଇ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିବେ | ମନ୍ତ୍ରୀ ଯନ୍ତ୍ରୀ ତନ୍ତ୍ରୀ ସବୁ ଏକାଠି ହୋଇ ମିଟିଂରେ ବ୍ୟସ୍ତ ହୋଇଗଲେ | ନଗର ଉନ୍ନୟନ ବିଭାଗରୁ ଅତିରିକ୍ତ ଖର୍ଚ୍ଚ ବରାଦ କରାଗଲା, ଆଉ ରାତାରାତି ସଭା ସ୍ଥଳରେ ଗୋଟିଏ ଛୋଟିଆ କାନ୍ଥ ନିର୍ମାଣ କରାଗଲା | ମିସ୍ତ୍ରୀ କାନ୍ଥ ନିର୍ମାଣ କରୁକରୁ କହିଲା, 'ଆଜ୍ଞା, ଯାହା କରିବେ, ମନ୍ତ୍ରୀଙ୍କୁ କହିବେ ଏଇ କାନ୍ଥ ଉପରେ ସେ ହାତ ଦେବେନି | ଓଦା କାନ୍ଥ, ବର୍ଷା ପାଗରେ ଭୁସୁଡ଼ିଗଲେ ମୋତେ କିଛି କହିବେନି | ଏମିତି ତରବରିଆ କାମ ମୁଁ କେବେ କରିନି | ସିମେଣ୍ଟ ବି ଦେଲେନି, ମୁଠେ ସିମେଣ୍ଟରେ କି କାମ ହେବ?'

ଯନ୍ତ୍ରୀ କହିଲେ, 'ହେଃ, ତୁ ଗୋଟେ ମୂର୍ଖ | କିରେ କୋଉ ମନ୍ତ୍ରୀ ଆଜିକାଲି ଆଉ ହାତରେ ଉଦ୍ଘାଟନ କରୁଛନ୍ତି | ସବୁ ତ ରିମୋଟ୍‌ରେ ହେବ | ମନ୍ତ୍ରୀ ସଭାରେ ବସି ରିମୋଟ୍ ଚିପିଲେ, ଇଆଡ଼େ ଫଳକ ଉଦ୍ଘାଟନ ହେଇଯିବ |' ମିସ୍ତ୍ରୀ ଗୁଣୁଗୁଣୁ ହଉଥିଲା, କେହି ତା କଥା ଶୁଣିଲେନି | ସଞ୍ଜ ହେଇଗଲାଣି | ଅନ୍ଧାର ବେଳ | ଡିବିରି ଜାଳି ମିସ୍ତ୍ରୀ ଫଳକ କାମ ସାରିଦେଲା | ଫଳକରେ ଧଳା ମାର୍ବଲରେ ଉଦ୍ଘାଟନ କଥା ଲେଖେଇବା ଦାୟିତ୍ୱ ନଗର ପାଳିକାର ବଡ଼ବାବୁ ନିଜେ ତଦାରଖ କଲେ |

ଫଳକ ଲେଖିବାପାଇଁ କେହି ମଙ୍ଗିଲେ ନାହିଁ | ଏତେଗୁଡ଼ାଏ ଲେଖା ପୁଣି ମାର୍ବଲରେ ରାତାରାତି ହେଇ ପାରିବନି | ବହୁ ଚେଷ୍ଟା କରିବା ପରେ ବି କିଛି ଲାଭ ହେଲାନି | ଅଫିସରେ ସାନବାବୁ କହିଲେ, 'ଆଜ୍ଞା, ଧଳା କାଗଜରେ ଲେଖି ମାରିଦେଇଥିବା, ପରେ ମାର୍ବଲ ଲଗେଇ ଦେବା |' କଥାଟା କିନ୍ତୁ ବଡ଼ବାବୁଙ୍କୁ ସୁହାଇଲା ନାହିଁ, ସେ କହିଲେ, 'ନାଇଁ, ଧଳା କାଗଜରେ ଲେଖିବା ଅସୁନ୍ଦର ହେବ | ପୁଣି ପାଣି ଫାଣି ପଡ଼ିଲେ ଓଦା ହେଇଯିବ କି ଲିଭିଯିବ ବୋଇଲେ ଅସୁବିଧା | ଗୋଟେ କାମ କରିବା ଟିଣ ବୋଡ଼ରେ ଲେଖି ମାରିଦେବା | ପରେ ପଛେ ମାର୍ବଲରେ ଲେଖି ମାରିବା |'

ରାତିସାରା ବସି ମଦନ ମହାରଣା ଟିଣ ବୋର୍ଡରେ ୱାର୍ନିସ ମାରି ଲେଖିଦେଲା |

ବଡ଼ବାବୁ ଯେମିତି ଦେଇଥିଲେ, ବାସ୍ ସେମିତି ଲେଖିଦେଇ ସେ ଅଧ ରାତିକୁ ଆଣି ଫଳକ ବଡ଼ବାବୁଙ୍କ ଘରେ ଦେଇଗଲା |

ସକାଳୁ ସକାଳୁ ସଭା ସ୍ଥଳରେ ଭିଡ଼ | ପୋଲିସ ଛାଉଣୀ ହୋଇଗଲାଣି | ଆଉ କେଇ ଘଣ୍ଟାପରେ ମନ୍ତ୍ରୀ ଆସିବେ | ମିସ୍ତ୍ରୀ ଯତ୍ନରେ ସେ ଟିଣ ଫଳକ ନେଇ କଣ୍ଟାଦେଇ କାନ୍ଥରେ ଲଗେଇ ଦେଲା | ଓଦା କାନ୍ଥ ଉପରେ ନାଲିଆ ରଙ୍ଗ ବୋଳିଦେଇଛନ୍ତି | ପାଖରେ ଠିଆ ହୋଇଥିଲା ଲୋକ ବି ଜାଣିବ ଯେ ଏଇଟା ଆଜି ହିଁ ହେଇଚି | କାଳେ କାନ୍ଥଟା ଭାଙ୍ଗିପଡ଼ିବ ବୋଲି ମିସ୍ତ୍ରୀ ଡରିମରି ଚାପି ସିମେଣ୍ଟ ଧରି ଅପେକ୍ଷା କରିଛି | ଅନ୍ତତଃ ମନ୍ତ୍ରୀ ଆସି ପଳେଇବାପରେ ସେ ଶାନ୍ତିରେ ନିଃଶ୍ବାସ ମାରିବ ବୋଲି ଜଗିଛି |

ଦିନ ଦଶଟା ହେଲା | ସଭା ପାଇଁ ଆଉ ମାତ୍ର ପନ୍ଦର ମିନିଟ୍ | ମନ୍ତ୍ରୀ ଠିକ୍ ଦଶଟା ପନ୍ଦର ମିନିଟ୍‌ରେ ଆସିବେ | ଆସୁ ଆସୁ ସଭା ଆରମ୍ଭ ହେବ | ବଡ଼ବାବୁ ଏପାଖ ସେପାଖ ଦେଖିଲେ | ପୋଲିସ ଆଉ ଅନ୍ୟାନ୍ୟ ବ୍ୟବସ୍ଥାକୁ ଛାଡ଼ିଦେଲେ, ସେଠାରେ ତିରିଶ୍ ଚାଳିଶରୁ ଅଧିକ ଲୋକବାକ ଦିଶୁନାହାନ୍ତି | କି ଅସୁବିଧା କଥା | ରାତିରେ ତ ମାଇକରେ ପ୍ରଚାର କରାଯାଇଥିଲା | ଲୋକ ଆସିଲେନି କାହିଁକି ? ସାନବାବୁ କହିଲେ, ‘ଆଜ୍ଞା, ଆଜି ସୋମବାର | କିଏ ଖାଲିଥିବ ଯେ ଆସିବ?’ କଣ କରାଯିବ ସେ କଥା ବିଚାର କରୁ କରୁ ନଗରପାଳ ବଡ଼ବାବୁଙ୍କ କାନରେ କଣ ଗୋଟାଏ ମନ୍ତ୍ର ଫୁଙ୍କିଦେଲେ, ବଡ଼ବାବୁଙ୍କ ମୁହଁଟା ଦୁଇଶ ୱାଟର ବଲ୍‌ବ ପରି ଉଜ୍ଜ୍ୱଳ ହୋଇ ଉଠିଲା |

ସାଙ୍ଗେ ସାଙ୍ଗେ ସେ ଜିପ୍ ଧରି ନିକଟସ୍ଥ ବସ୍ତିକୁ ମାଡ଼ିଗଲେ | ବସ୍ତିରେ କେହି ପୁରୁଷ ଥିଲା ପରି ଲାଗୁନଥିଲା, ତଥାପି କହିଲେ, ‘ଆଜି ମନ୍ତ୍ରୀ ଆସୁଛନ୍ତି ବ୍ରିଜ୍ ଉନ୍ମୋଚନ କରିବାପାଇଁ | ସେ ନିଜେ କହିଛନ୍ତି ଯେ ସଭାକୁ ଆସୁଥିବା ସବୁ ମହିଳା ମାନଙ୍କୁ ସେ ନିଜ ହାତରେ ଶାଢ଼ୀ ଗୋଟାଏ ଗୋଟାଏ ଦେବେ |’

ବଡ଼ବାବୁଙ୍କ ଜିପ୍ ସଭାସ୍ଥଳକୁ ଆସିବାପାଇଁ ବାଟ ପାଇଲା ନାହିଁ | ସଭା ଆରମ୍ଭ ହେଲାବେଳକୁ ସେଠି ଶତାଧିକ ମହିଳା ଆସି ଜମା ହୋଇସାରିଥିଲେ | ନଗରପାଳ ବହୁତ୍

ଖୁସି | ବଡ଼ବାବୁ ନଗରପାଳଙ୍କ ପାଖକୁ ଝପଟି ଯାଇ କହିଲେ, 'ଆଜ୍ଞା, ଲୋକ ଆସିଗଲେ | ଶାଢ଼ୀ କୋଉଠୁ ଆଣିବା ?' ନଗରପାଳ ହସିଦେଇ କହିଲେ, 'କୋଉ ଶାଢ଼ୀ?' ବଡ଼ବାବୁ ହଡ଼ବଡ଼େଇ ଯାଇ କହିଲେ, 'ଯାହା ମନ୍ତ୍ରୀ ନିଜ ହାତରେ ଦେବେ ବୋଲି ଆପଣ କହିଲେ |' ନଗରପାଳ ଫେଁ କିନା ହସିଦେଲେ | ବଡ଼ବାବୁ ବି |

ମନ୍ତ୍ରୀଙ୍କ ଗାଡ଼ି ସଭା ସ୍ଥଳକୁ ଆସୁ ଆସୁ ଜୋରରେ ପବନଟାଏ ମାରିଦେଲା | ଯେମିତି ପବନ ଦେଇଛି, ଉନ୍ମୋଚନ ଫଳକ ଉପରେ ବନ୍ଧା ହୋଇଥିବା ସାମିଆନାଟା ଦୁଲ୍ କିନା ପଡ଼ିଗଲା | ମନ୍ତ୍ରୀ ନିର୍ମଳ ବାବୁଙ୍କ କାନରେ ହରିବାବୁ କହିଲେ, 'ଆଜ୍ଞା, ଏ ବଡ଼ ଅଶୁଭ ସଙ୍କେତ | ଆମେ ଶୀଘ୍ର ଏ ସ୍ଥାନରୁ ପଳେଇବା ଭଲ | ନୋହିଲେ, କଣ ଯେ ହେବ, କିଏ କହିବ ?'

ନିର୍ମଳ ବାବୁ ସାମାନ୍ୟ ହସିଦେଇ କହିଲେ, 'ଓହୋ, ହରିବାବୁ | ଆପଣଙ୍କ ପରି ଡରୁଆ ଲୋକ ମୁଁ ଦେଖିନି | ପବନ ହେଲା ସାମିଆନା ପଡ଼ିଗଲା, ଏଥିରେ ଅଶୁଭ କଣ ?'

ମିସ୍ତ୍ରୀର ଛାତି ଭିତରେ ତା ହୃତପିଣ୍ଡଟା ରେଳଗାଡ଼ିଠାରୁ ଅଧିକ ବେଗରେ ଧାଉଁଛି | ତାକୁ ଲାଗୁଛି କାଳେ ତା ମନର ଭୟ ଟା ସତ ହେଇଯାଇନି ତ ? କିନ୍ତୁ ସାମିଆନା ଉଠେଇଲା ବେଳକୁ ଦେଖିଲା ସେ କାଛ ଠିକ୍ ଅଛି | ସେ ଓଃ କହି ଦୀର୍ଘଶ୍ବାସ ଟିକେ ନେଲା | ସାମିଆନା ଟେକାଟେକିରେ ସମୟ ଲାଗୁଥିବାରୁ ସଭାକାର୍ଯ୍ୟ ଆରମ୍ଭ କରାଗଲା |

ନଗରପାଳ, ହରିବାବୁଙ୍କ ପରେ ନିର୍ମଳବାବୁ ମାଇକ୍ ପାଖକୁ ଆସନ୍ତେ, କୁଆଡ଼େଥିଲା କଳାହାଣ୍ଡିଆ ମେଘ ଗୋଟିଏ ଚଡ଼ଚଡ଼ି ମାରିଲା | ଲାଇଟ୍ ଚାଲିଗଲା | ତଥାପି ସେ ନିରୁତ୍ସାହିତ ନ ହୋଇ ଉଚ୍ଚ ସ୍ବରରେ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ କହିବାରେ ଲାଗିଲେ | ସରକାର କେମିତି ଗରୀବ ମାନଙ୍କ ପାଇଁ ବିଭିନ୍ନ ଯୋଜନାର ବର୍ଷା କରୁଛନ୍ତି କହୁ କହୁ ଆକାଶରୁ ଅଙ୍ଗୁରକୋଳି ଭଳି ସାଇଜର ପାଣି ଟୋପା ପଡ଼ିବା ଆରମ୍ଭ ହୋଇଗଲା | ବର୍ଷା ଆରମ୍ଭ ହେବା ଦେଖି କିଛି ମହିଳା ଏପାଖ ସେପାଖ ଦଉଡ଼ା ଦଉଡ଼ି କରିବା ଆରମ୍ଭ କରିଦେଲେ | ଅନେକ କିନ୍ତୁ ସେମିତି ବସିଥିଲେ, ଗୁଣୁଗୁଣୁ ହୋଇ

କହୁଥିଲେ, 'ତୁ ଯାଆନା, ଥା | ଶାଢ଼ୀ ବାଣ୍ଟିଲା ବେଳକୁ ଆମେ ଆଗ ଧାଡ଼ିରେ ପଳେଇ ଶାଢ଼ୀ ନେଇ ଆସିବା |'

ସଭାପାଇଁ ମଞ୍ଚକୁ ଉପରୁ ବନ୍ଦ କରିଦିଆଯାଇଥିଲା, ହେଲେ ବର୍ଷାଜଳର ଆକାର ଏତେ ବଡ଼ ଥିଲା ଯେ ସାମିଆନା ଦେଇ ସେ ତଳକୁ ବହିବାରେ ଲାଗିଲା | ତେଣେ ନିର୍ମଳବାବୁ ସଭାରେ ବକ୍ତବ୍ୟ ଦେଉ ଦେଉ ଏପାଖେ ଫଳକର କାନ୍ଥର ସାଇଡ଼ରୁ ନଈ କୂଳ ଖାଇବାପରେ ବାଲିମିଶା ସିମେଣ୍ଟ ଝଡ଼ିବାକୁ ଲାଗିଲା | ସଭାରେ ବସିଥିବା କିଛି କୌତୁହଳୀ ଯୁବକ ହେ ହେ ହୋଇ ହସିବା ଦେଖି, ନିର୍ମଳ ବାବୁ ସେମାନଙ୍କୁ ସମ୍ବୋଧନ କରିବାକୁ ଲାଗିଲେ | 'ଯୁବକ ଶକ୍ତି ଆମ ଦେଶର ଏକ ମହାନ ଶକ୍ତି | ଯୁବକ ମାନେ ଦେଶ ନିର୍ମାଣ ପାଇଁ ଆଗକୁ ଆସନ୍ତୁ |' ଏମିତି ଭାଷଣ ଚାଲୁଥିବା ବେଳେ ସେ ଇଙ୍ଗିତରେ ଜଣେଇଦେଲେ ଯେ ଏବେ ଉନ୍ମୋଚନ କାର୍ଯ୍ୟ କରିବା ଉଚିତ | ପାଖରେ ବସିଥିଲେ ସାନବାବୁ ପଚାରିଲେ, 'ସାର, ଆପଣଙ୍କ ଧୈର୍ଯ୍ୟ ବହୁତ | ଆପଣଙ୍କୁ ରାଗ ଲାଗୁନି ?' ନିର୍ମଳ ବାବୁ ସାମାନ୍ୟ ହସିଦେଇ କହିଲେ, 'ରାଜନୀତି କଲେ ଆପଣ ସବୁ ବୁଝିବେ | ଏହା ଏତେ ସହଜ ନୁହେଁ | କ୍ରୋଧ ସମ୍ବରଣ କରିବା ହେଉଛି ନେତାଙ୍କ କର୍ତ୍ତବ୍ୟ |'

ମିସ୍ତ୍ରୀ ତେଣେ ପାରୁପଣେ ଚେଷ୍ଟା କରି କାନ୍ଥକୁ ଚିକ୍କଣ ରଖିବାକୁ ଲାଗିପଡ଼ିଛି | ସେ ଯା ହେଉ, ବର୍ଷା ଛାଡ଼ିଲା ଆଉ କାନ୍ଥ ବି ଗୋଟାପଣେ ଠିକ୍ ଦେଖାଗଲା | ମନ୍ତ୍ରୀ ଏବେ ଫଳକ ଉନ୍ମୋଚନ କରିବେ ବୋଲି ମାଇକରେ ଘୋଷଣା କରାଗଲା | ବଡ଼ବାବୁ ରିମୋଟ୍ ସୁଇଚଟା ମନ୍ତ୍ରୀଙ୍କ ହାତକୁ ଦେଇ ବତେଇ ଦେଲେ କୋଉ ସୁଇଚ୍ ଚିପିଲେ ପରଦା ଖୋଲିବ ଆଉ ଫଳକ ଦେଖାଯିବ | ସାମ୍ବାଦିକମାନେ ସବୁ କ୍ୟାମେରା ଧରି ଫୋଟୋ ଉଠେଇବାପାଇଁ ତତ୍ପର ହେଇଗଲେ | ହେଲେ ନିର୍ମଳ ବାବୁ ଅନେକ ଚେଷ୍ଟା କରିବାପରେ ବି ସେଇଟା କାମ ଦେଲାନି | ଅଗତ୍ୟା ସେ ନିଜେ ଫଳକ ପାଖକୁ ଯାଇ ଠିଆ ହୋଇ ସଂକ୍ଷିପ୍ତ ଭାଷଣ ଦେଇ କହିଲେ, 'ଏଇ ବ୍ରିଜ୍ ଦ୍ବାରା ଆପଣଙ୍କ ସହରକୁ ଆସୁଥିବା ଯାନବାହାନ ସହଜରେ ଆସିପାରିବେ, ଟ୍ରାଫିକ୍ ସମସ୍ୟା ରହିବ ନାହିଁ, ଏବଂ ସର୍ବୋପରି

ଏହି ସୁଦୃଢ଼ ନିର୍ମାଣଦ୍ବାରା ଯାନବାହାନର ସୁରକ୍ଷା କରାଯାଇପାରିବ |' ଏମିତି କହି ସେ କାନ୍ଥ ଉପରେ ହାତ ଡିରା ଦେଇ ଛିଡ଼ା ହୋଇଗଲେ |

ମନ୍ତ୍ରୀଙ୍କ ହାତର ସ୍ପର୍ଶପାଇ କାନ୍ଥର କିଛି ଇଟା ନିଜ ସ୍ଥାନରୁ ବାହାରି ପଛ ଆଡ଼େ ପଡ଼ିଗଲେ | ତଥାପି ନିର୍ମଳ ବାବୁ ନିଶ୍ଚଳଭାବେ ନିଜ ବକ୍ତବ୍ୟ ସମାପ୍ତ କରିବାରେ ତତ୍ପର ହେଲେ | ପଛରୁ କିଏ ଜଣେ କହିଲା, ଉନ୍ମୋଚନ ପରେ କରିବ, ଆଗ ଆମକୁ ଶାଢ଼ୀ ଦିଅ |

'ଶାଢ଼ୀ !!! କି ଶାଢ଼ୀ' ମନ୍ତ୍ରୀ ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନ କଲେ |

ମନ୍ତ୍ରୀଙ୍କ ପ୍ରଶ୍ନ ଶୁଣି, ପଛରୁ ପୁଣି କିଏ ଜଣେ ଚିତ୍କାର କରି କହିଲା, 'ନିର୍ମଳ ହୋତା ହାଏ ହାଏ | ଚୋର ନେତା ହାଏ ହାଏ |' ଏମିତି ହାଏ ହାଏ ଶବ୍ଦ ଶୁଣି ମନ୍ତ୍ରୀ ଏପାଖ ସେପାଖ ଚାହିଁଲେ | ଇଙ୍ଗିତରେ ପଚାରିଲେ, ଲୋକଙ୍କୁ ଆଣିବା ଦାୟିତ୍ବରେ କିଏ ଥିଲା ? ନଗରପାଳ ନିରୀହ ଭାବରେ ଆଙ୍ଗୁଠିଟା ବଡ଼ବାବୁଙ୍କ ଆଡ଼କୁ ଦେଖେଇଲେ | ନିର୍ମଳ ବାବୁ ତୁରନ୍ତ ବଡ଼ବାବୁଙ୍କୁ ବରଖାସ୍ତ କରିବା କଥା ଘୋଷଣା କରିଦେଲେ | ବଡ଼ବାବୁ ଧାଇଁଯାଇ ମନ୍ତ୍ରୀଙ୍କ ପାଦକୁ ଜାବୁଡ଼ି ଧରି କହିଲେ, 'ଆଜ୍ଞା, ଲୋକ ଆସୁନଥିଲେ ବୋଲି ନଗରପାଳ ମୋତେ କହିଲେ ଏମିତି କହିଦିଅ | ତେଣୁ କହିଦେଲି |' ନିର୍ମଳବାବୁ ନଗରପାଳଙ୍କୁ ଚାହିଁଲେ ହେଲେ କିଛି କହିଲେ ନାହିଁ | ପଛରୁ ପୁଣି କିଏ ଜଣେ କହିଲା, 'କେତେ ଟଙ୍କା ନେଇ ନଗରପାଳ କରିଛ କୁହ ?' ନିର୍ମଳ ବାବୁଙ୍କ ଧୈର୍ଯ୍ୟର ବନ୍ଧ ଭାଙ୍ଗିବା ଉପରେ | ସେ ଏତେ ଅବସ୍ଥା ହେବେ ବୋଲି ଭାବିନଥିଲେ | ହରିବାବୁ ସବୁଠୁ ପଛରେ ଠିଆ ହୋଇ ମୁଚୁକୁନ୍ଦି ହସ ଦେଇ କହୁଥିଲେ, 'ମୁଁ ପରା କହିଥିଲି, ସଭାରେ ପଶୁ ପଶୁ ପଳେଇବା ଚାଲ | ମୋ କଥା ଶୁଣିଲେନି |'

ତରବରିଆ ଭାବରେ ମନ୍ତ୍ରୀ ଘୋଷଣା କଲେ ଯେ ସେ ଆନୁଷ୍ଠାନିକ ଭାବରେ ଏ ପୋଲର ଉନ୍ମୋଚନ କରୁଛନ୍ତି | ପଛରୁ 'ନିର୍ମଳ ହୋତା ହାଏ ହାଏ | ଚୋର ନେତା ହାଏ ହାଏ ଶୁଭୁଥିଲା |' ନିର୍ମଳ ବାବୁ ନିରବ ଥିଲେ | ସାନବାବୁ ଧିରେ ପଚାରିଥିଲେ, 'ସାର, ଲୋକମାନେ ଏତେ ହାଏ ହାଏ କରୁଛନ୍ତି ଆପଣଙ୍କୁ ରାଗ ଲାଗୁନି?' ନିର୍ମଳ ବାବୁ ସାମାନ୍ୟ

ହସିଦେଇ କହିଲେ, 'ରାଜନୀତି ଗୋଟିଏ ସାଧନା | କ୍ରୋଧ କଲେ ଆପଣଙ୍କ ଇମେଜ ଉପରେ ଦାଗ ଆସିବ | ତେଣୁ ରାଗିଲେ ଚଳିବ ?' ସାନବାବୁ ନିର୍ମଳ ବାବୁଙ୍କ ମୁହଁକୁ ଚାହୁଁଥିଲେ |

ହରିବାବୁ ପଛରୁ କହୁଥିଲେ, 'ସାର, ଶୀଘ୍ର ଉନ୍ମୋଚନ କରିଦିଅନ୍ତୁ, ଯିବା |'

ସଭାରେ ଗୋଳମାଳ ବଢ଼ିବାରେ ଲାଗିଥିଲା | ଆମକୁ ଶାଢ଼ୀ ଦିଅ | ଚୋର ନେତା ଫେରିଯାଅ, ଏମିତି ଅନେକ ଶବ୍ଦରେ ସଭାସ୍ଥଳ ଫାଟି ଉଠୁଥିଲା | ପୋଲିସ ବାବୁମାନେ ବି ସଜାଗ ଥିଲେ | ଆବଶ୍ୟକ ହେଲେ ଲାଠିମାଡ଼ କରିବାପାଇଁ ସେମାନେ ତୟାର | ଏଇମିତି ସମୟରେ ମାଇକରେ ଘୋଷଣା କରାଗଲା, 'ଏବେ ମାନ୍ୟବର ମନ୍ତ୍ରୀ ଶ୍ରୀ ନିର୍ମଳ ହୋତା ନିଜ କରକମଳରେ ଉନ୍ମୋଚନ ଫଳକକୁ ଉନ୍ମୁକ୍ତ କରି ଏହି ବ୍ରିଜର ଶୁଭ ଉଦ୍‌ଘାଟନ କରିବେ |'

ନିର୍ମଳ ବାବୁ ଫଳକ ସମ୍ମୁଖରେ ଲାଗିଥିବା ପରଦାକୁ ଧରିଲେ, ଏବଂ ସାମ୍ବାଦିକ ମାନଙ୍କୁ ସୁହାଇଲା ଭଳି ଫୋଟୋ ଉଠେଇବାପାଇଁ ସ୍ଥାନ ଛାଡ଼ିଦେଇ ଦୂରେଇଗଲେ | ସଭାସ୍ଥଳରେ ଚାପା ଗୁଞ୍ଜରଣ ସତ୍ତ୍ୱେ ସବୁ ନିରବ ହୋଇଯାଇଥିଲେ | କେହି କେହି କହୁଥିଲେ, 'ତୁଛାଟାରେ ଧାଇଁ ଆଇଲି | ଜାଣିଥିଲେ, ପାଣି ଟେକିଥାନ୍ତି | ଘରେ ତେଣେ ପିଇବାକୁ ପାଣିନାହିଁ, ଶାଢ଼ୀ ମିଳିବ ବୋଲି ଆଇଥିଲି | ରଇଜଳା ଗୁଡ଼ାକର ଘରେ ନିଆଁ ନାଗିଯାଉ ବା | ମିଛ କହି ଆମକୁ ହନ୍ତସନ୍ତ କରିସେନ୍ତି | ବଡ଼ରୋଗ ହେଇଯାଏ ଲୋ | ଏ ମନ୍ତ୍ରୀ ମରିଯାଉଲୋ |' ଏମିତି ସବୁ କଥା ନିର୍ମଳ ବାବୁଙ୍କ ମନକୁ ଖୁବ୍ ଆନ୍ଦୋଳିତ କରୁଥିଲା, ଲାଗୁଥିଲା ସେ ଯଦି ଆଉ କିଛି ସମୟ ଏଠି ରହିବେ ତ ନିଶ୍ଚୟ ସେ ନିଜର ଧୈର୍ଯ୍ୟ ହରେଇବେ |

ହରିବାବୁ କହିଲେ, 'ସାର୍, ପରଦାଟା ଟାଣି ଦିଅନ୍ତୁ | ତେଣେ ଆମକୁ ରାଜଧାନୀ ଫେରିବାର ଅଛି | ଉପରବେଳା ଆପଣଙ୍କ ମିଟିଂ ଅଛି |'

ନିର୍ମଳ ବାବୁ ନିଜ ମନକୁ ଦୃଢ଼କଲେ, ମନେ ମନେ ଭାବିଲେ ରାଜନୀତିରେ ଏ ସବୁ

କଥା ନିତିଦିନିଆ, ଏ ସବୁ ଧରିଲେ ହେବ | ତାଙ୍କ ବାପା କହିଥିଲେ, ସବୁବେଳେ ହସୁଥିବୁ | ମୁହଁରେ ସବୁବେଳେ ହସ ଥିବ | ବାସ ସେଇ ଠାଣିରେ ସେ ହସି ଦେଇ ଫଳକରୁ ପରଦାଟା ଟାଣିଆଣିଲେ | ସେ ଯେମିତି ଟାଣି ଆଣିଛନ୍ତି ସାଙ୍ଗେ ସାଙ୍ଗେ ସାମ୍ବାଦିକ ମାନଙ୍କ କ୍ୟାମେରାର କ୍ଲିକ୍ କ୍ଲିକ୍ ଶବ୍ଦରେ ସେ ଲୋକମାନଙ୍କ କରତାଳି ଶବ୍ଦ ମିଶା ଶବ୍ଦ ଶୁଣିବାପାଇଁ ଉତ୍ସୁକ ହୋଇ ଉଠିଲେ | କିନ୍ତୁ କେହିଜଣେ ହଠାତ୍ ଫେଁ କିନା ହସିଲା ଆଉ ତା ଦେଖାଶିଖା ସବୁ ହସିବା ଆରମ୍ଭ କରିଦେଲେ | ସଭାରେ ସମସ୍ତେ ହେଁ ହେଁ ହୋଇ କାହିଁକି ହସୁଛନ୍ତି ବୋଲି ନିର୍ମଳ ବାବୁ ହରିବାବୁଙ୍କ ମୁହଁକୁ ଚାହୁଁଥିଲେ, ସେ ବି ନିଜ ମୁହଁରେ ରୁମାଲ୍ ଦେଇ ହସୁଥିଲେ | ସାମ୍ବାଦିକମାନେ ଫୋଟୋ ଉଠେଇବେ ନା ନାଇଁ ଭାବି ନିରବରେ ଠିଆ ହୋଇଥିଲେ |

ନିର୍ମଳବାବୁ ସାମ୍ବାଦିକ ମାନଙ୍କ ଆଡ଼କୁ ଚାହିଁ ପୁଣି ଫଳକକୁ ଧରି ଫୋଟୋ ଉଠେଇବାପାଇଁ ସୁଯୋଗ ଦେଲେ, ହେଲେ କେହି ଫୋଟୋ ଉଠେଇଲେ ନାହିଁ, କାହିଁକି ଏମିତି ହେଲା ଜାଣିବାପାଇଁ ନିର୍ମଳ ବାବୁ ପଛକୁ ଫେରି ଚାହିଁଲେ, ଆଉ ଏତେବେଳ ଯାଏଁ ସେ ଧରିଥିବା ଧୈର୍ଯ୍ୟଟା ତାଙ୍କ ମୁଖରୁ ଶୁଦ୍ଧ ଓଡ଼ିଆ ସଂସ୍କୃତ ଶବ୍ଦ ସବୁର ପଂକ୍ତିହୋଇ ବାହାରିଗଲା |

ଫଳକରେ ଲେଖାଥିଲା, 'ବଙ୍ଗାଳୀ ଡାକ୍ତର କ୍ଲିନିକ୍, ଏଠାରେ ଅର୍ଶ, ଭଗନ୍ଦର, ମଳକଣ୍ଟକ ଆଦି ରୋଗର ଚିକିତ୍ସା ବିନା ଅସ୍ତ୍ରୋପଚାରରେ କରାଯାଏ |'

ସଭା ସ୍ଥଳ ବାହାରେ ଠିଆ ହୋଇଥିଲା ମଦନ ମହାରଣା ନିଜ ମୁଣ୍ଡକୁ ପିଟି କହୁଥିଲା, 'ମୁଁ ସେତେବେଳୁ କହୁଛି ମୋତେ ସଭାପାଖକୁ ଯିବାକୁ ଦିଅ, ଏଇ ଶଃ.. ପୋଲିସ ମାନେ ଦେଲେନି | କେତେ ଅସୁବିଧା ହୋଇଗଲା |'

# ଏ ଦୁନିଆ ବଗିଚାରେ



ସୁଷମା ତ୍ରିପାଠୀ

ବଗିଚାଟିର ପ୍ରବେଶ ପଥ ରେ ସ୍ବାଗତ ଭଂଗୀରେ ଛିଡା ହୋଇଛି କୃଷ୍ଣଚୂଡା ଗଛ |ନାଲି ନାଲି ଫୁଲରେ ନିଜେ ଯେତିକି ମଣ୍ଡି ହୋଇଛି ,ରାସ୍ତା ଉପରେ ସେତିକି ଫୁଲ ବିଛାଇ ଦେଇ ପ୍ରସ୍ତୁତ କରି ଦେଇଛି ଗାଲିଚା ଟିଏ |ଭିତରକୁ ପଶିଗଲା ବେଳକୁ ଜାତି ଜାତି କା ଗଛ ,କେତେ ଜାତିର ଫୁଲ ,ଭଳି ଭଳି ପ୍ରଜାପତି ,ମହୁମାଛି , ଭଅଁର ତା ସାଙ୍ଗକୁ କିଚିରି ମିଚିରି ଶବ୍ଦରେ ଫଟେଇ ଦେଉଥିବା ଚଢେଇମାନେ | ଯୂଇ, ଯାଇ, ମଲ୍ଲୀ, ଟଗର, ମାଳତୀ, ଗୋଲାପ, ହେନା, ଏମାନଙ୍କର ହସରେ, ବଗିଚାଟି ହସି ଉଠୁଛି, ଆଉ ସେମାନଙ୍କ ବାସ ତ ଖଣ୍ଡ ମଣ୍ଡଳ ଚହଟାଇ ଦେଉଛି | ପାହାନ୍ତିଆ ନ ହେଉଣୁ ଶେଫାଳି ଫୁଲମାନେ ଧରାରେ ଲୋଟି ସାରିଲେଣି | ଗୋଲାପ ତା ବିଷୟରେ ଯେତେ କହିଲେ ବି କମ ହେବ| ରାଣୀର ଠାଣି ତାର| ଆଉ ଯେତେବେଳେ କଢି ରୁ ଦୁଇ ପାଖୁଡା ବାହାରୁ ଥାଏ, ଲାଗେ ସତେ ଯେମିତି କଅଁଳା ଛୁଆଟିଏ ପାକୁଆ ପାଟିରେ ହସି ଦେଉଛି| ରାଜନୀଗନ୍ଧାକୁ ସୁଗନ୍ଧରାଜ ରୂପ ଯେମିତି ଗୁଣ ସେମିତି |

ମାଳୀ ବାପୁଡାଟି କୋଉ କମ କି ? ରାଇଜ ଜାକର ଗଛ ସବୁକୁ ଗୋଟାଇ ଆଣି, ସତେ ଯେମିତି ସରଗ ରାଇଜର ନନ୍ଦନକାନନଟିଏ ଗଢି ଦେଇଛି| କୋଉଠି କିଏ କେମିତି ଶୋଭା ପାଇଲେ ସୁନ୍ଦର ଦେଖାଯିବ, ସେମିତି ସମସ୍ତଙ୍କୁ ଆଣି ସଜାଇ ଦେଇଛି| ଖାଲି କଣ ଫୁଲ ସେ ପାଖକୁ କୋଳି, ପିଜୁଳି, ଆମ୍ବ, ଟଭା, ସିଏ ପୁଣି ନାନା ଜାତିର| ତ ସାଙ୍ଗକୁ କୀଟ, ପତଙ୍ଗ ଠାରୁ ଆରମ୍ଭ କରି କୁକୁର, ବିଲେଇ, ପାରା, ଘରଚଟିଆ, କାଉ, କୋଇଲି, କୁମ୍ଭାଟୁଆ, ସମସ୍ତଙ୍କର ସାମ୍ରାଜ୍ୟ ଏଇଟା |

ଆଉ ମଣିଷ ତା କଥା ତ ନିଆରା........, ସକାଳୁ ସକାଳୁ କିଏ ଫୁଲ ଚାଙ୍ଗୁଡି ଧରି ପହଞ୍ଚି ଗଲାଣି, ତ ପୁଣି କେତେବେଳେ ସମୟ ମିଳିଲେ ଝିଅ, ବୋହୁମାନେ ପହଞ୍ଚି ଯାଆନ୍ତି ଯୂଇ, ଯାଇ, ମଲ୍ଲି ତୋଳି ନିଜର ଗଭା ସଜାଇବାକୁ| ଅପରାହ୍ନରେ ସ୍କୁଲରୁ ଫେରି ଛୁଆମାନେ ଦଉଡି ଆସନ୍ତି କୋଳି, ପିଜୁଳି ତୋଳିବାକୁ| ତା ଛଡା ପ୍ରଜାପତି, କଙ୍କି ଏମାନଙ୍କ ପଛରେ ଗୋଡାଇବାର ଯେଉଁ ମଜା, ସେ କଥା ବା କିଏ ନ ଜାଣେ | ଯଦି କେଉଁ ପିଲା

ହାତରେ କଙ୍କିଟିଏ ଧରା ପଡିଗଲା, ସାଙ୍ଗେ ସାଙ୍ଗେ ପାଖରେ ଥିବା ପିଲାଟି କହି ଉଠିବ, 'କଙ୍କି ଧରଣ ମା ମରଣ', ବାସ୍ ତର ତର ହୋଇ କଙ୍କିଟିକୁ ଛାଡି ଦେବ ସେ |

ବର୍ଷା ହେଲେ ମାଟି ଭିତରୁ ବାହାରି ଆସନ୍ତି କୁନି କୁନି ସାଧବବୋହୁଟି ମାନ| ସେମାନଙ୍କୁ ଦେଖିଲେ ପିଲା ଠାରୁ ବୁଢା ସମସ୍ତେ ଖୁସି ହୋଇଯାଆନ୍ତି| କେହି କେହି ଅତି ସରାଗରେ ସେମାନଙ୍କୁ ଉଠାଇନିଅନ୍ତି ନିଜ ହାତକୁ| କିଛି ସମୟ ପରେ ଅତି ଯତନରେ ପୁଣି ମାଟିରେ ନେଇ ଥୋଇଦେବେ| ଚାଲିଲା ବେଳେ ସମସ୍ତେ ସତର୍କ ଥିବେ, କାଳେ ପାଦଟି ମାନ ତାଙ୍କ ଉପରେ ପଡିଯିବ କି? ହେଲେ ସମ୍ବାଳୁଆ ପାଇଁ ଅଲଗା ବିଚାର| ତାର ଲୋମକୁ ସମସ୍ତଙ୍କର ପ୍ରାଣେ ଭୟ| ତେଣୁ ତାଠୁ ଖଣ୍ଡେ ଦୂରରେ ରହିବା ଭଲ| ଖରା,ବର୍ଷା,ଶୀତ ଋତୁ ବଦଳିଲେ,ବଗିଚାଟି ମଧ୍ୟ ତାର ରୂପ ବଦଳାଉଥାଏ| କେଉଁ ଋତୁରେ ପୁଣି କେଉଁ ଫୁଲ, ପୁଣି କେଉଁ ଗଛ ତାର ପତ୍ରଝଡା ଦେଲାଣି| ଗୋଟିଏ ଗୋଟିଏ ଗଛ, ସିଏ ପୁଣି କେତେ କୀଟ ପତଙ୍ଗଙ୍କର ବାସସ୍ଥଳୀ| ମହୁମାଛି ଫୁଲରୁ ମହୁ ଖୋଜି ବୁଲୁଥାଏ, ତ କୋଉଠି  କୀଟ ପତଙ୍ଗ ନଜର ପକାଇଲେଣି ପତ୍ର ଆଉ ଛାଲ ଉପରେ| କୁମ୍ଭାଟୁଆ ଚାହିଁ ବସିଥାଏ, କେଉଁଠି କେତେବେଳେ ଗେଣ୍ଡା ଉପରେ ନଜର ପଡିଯିବ| କେବେ କେବେ ଥିବେ ଥିବେ, ମାଙ୍କଡ ଦୁଇଚାରିଟା ଲେଖାଁ ଦୁଲ ଭୁଷ କରି ମାଡି ଆସିବେ ଆମ୍ବ, ପିଜୁଳି ଗଛ ପାଖକୁ, ଦୁଇ ଚାରି ମିନିଟ ପାଇଁ ହୁଲସ୍ଥୂଳ କରି ଚାଲି ଯିବେ ପୁଣି ନିଜ ନିଜ ବାଟରେ |

ନିରୋଳା ଦେଖି ଉପବନଟିର ମାଧୁର୍ଯ୍ୟରେ ଆକର୍ଷିତ ହୋଇଆସନ୍ତି ଗନ୍ଧର୍ବ ମାନେ| ଆଉ ସବୁଠୁ ମନଲୋଭା ଜହ୍ନର କିରଣ| ଦିନର ଡହ ଡହ ଖରା ପରେ ସମସ୍ତେ ଆନାଇ ବସିଥାନ୍ତି, କେତେବେଳେ ଜହ୍ନ ନିଦମାଉସୀର ଛଡି ଧରି ଯାଦୁର କିରଣ ରାଶି ବିଞ୍ଚି ଦେଇଯିବ ଏଇ ଧରା ବକ୍ଷରେ| ତାପରେ ଧୀରେ ଧୀରେ ଆଖି ଲାଗିଯିବ| ପୁଣି ଆଖି ଖୋଲିଲା ବେଳକୁ ନା ଥିବ ପରୀ ରାଇଜର ସ୍ୱପ୍ନ ନା ଥିବ ଜହ୍ନ ନିଜେ |

ବଗିଚାଟିର ଗୋଟିଏ କଣରେ ଟଗର ଆଉ ମନ୍ଦାର ଗଛ, ଯା ଡାଳ ତାକୁ ଛୁଉଁ ଥାଏ ତ ତା ଡାଳ ଯାକୁ ଛୁଉଁ ଥାଏ| ହେଲେ ବେଳ ପାଇଲେ ମାଳୀ ଡାଳପତ୍ର ଚାଞ୍ଛି ସଫା

କରିଦିଏ, ପୁଣି ଦୁଇ ଜଣ ବଢି ଚାଲନ୍ତି, ଦୁହେଁ ଦୁହିଁଙ୍କୁ ଛୁଇଁବା ପାଇଁ |

ସେଦିନ ଟଗର ଗଛ ମନ୍ଦାର ଗଛକୁ କହୁଥାଏ, "ଆଜି ସେଇ ହଳଦୀବସନ୍ତ ଭଳିଆ ପୋଷାକ ପିନ୍ଧି ଝିଅଟି ଆସିଥିଲା, କେତେ...... କାନ୍ଦୁଥିଲା| ସବୁଦିନେ ଫୁଲ ତୋଳୁ ତୋଳୁ କେତେ ସୁଖ ଦୁଃଖ ଗପେ| ଆଜି ଫୁଲ ତୋଳୁ ଥିଲା, ଆଖିରୁ ଝରି ଯାଉଥିବା ଲୁହକୁ ପିନ୍ଧା ଜାମାରେ ପୋଛି ଦେଉଥିଲା| ତା ବାପା ତାର ବାହାଘର ଠିକ କରିଦେଇଛି, କାଲି ତାର ବାହାଘର| କେତେ ମନ ଥିଲା ତାର ପାଠ ପଢିବା ପାଇଁ, ହେଲେ ଆଉ ସେ ପାଠ ପଢି ପାରିବନି |"

ମନ୍ଦାର ଗଛ କହିଲା, "ହଁ ବାପା ତାର ମଦ ପିଏ, ମା ବାସନ ମାଜି ଘର ଚଳାଏ| ଘରେ ଖାଇବାକୁ ଥାଉ ନ ଥାଉ, ଦୁଇ ପଇସା ପାଇଲେ ବାପା ତାର ମଦ ପିଇ ଚାଲି ଆସେ| ଘରେ ପଇସା ନ ଥିବାରୁ ମା ଝିଅ କୁ ପାଠ ପଢାଇ ପାରିଲାନି|"

ପାଖରେ ଥାଇ କନିଅର ଗଛ ଏମାନଙ୍କର କଥା ଶୁଣୁଥିଲା| ସେ ପଚାରିଲା, "ଆଚ୍ଛା ସବୁଠାରୁ ଶ୍ରେଷ୍ଠ ଜନ୍ମ ମଣିଷ ଜନ୍ମ, କିନ୍ତୁ ମଣିଷର ପୁଣି ଏତେ ଦୁଃଖ? ସେଇ ଯେଉଁ ଉଆସ ପରି ଘରଟିରୁ ବୋହୁଟି ଆସେ, କେତେ ରଙ୍ଗ ବେରଙ୍ଗରେ ସେ ନିଜକୁ ସଜେଇ ଥାଏ, ସତେ ଯେମିତି ଆକାଶରୁ ଇଂଦ୍ରଧନୁ, ଏଇ ବୋହୁ ବେଶରେ ତଳକୁ ଚାଲି ଆସିଛି, ତାର ପୁଣି ଏତେ ଦୁଃଖ, ଏଇଠିକି ଆସେ, ଚୁପ୍ ଚାପ୍ ବସେ, ଆଖିରୁ ଧାର ଧାର ଲୁହ ଗଡାଇ, ପୁଣି ତା ବାଟରେ ଚାଲି ଯାଏ| ସେମିତି ରାସ୍ତା ସେ ପଟର ସେ ଭିକାରିଟା, ଖାଇବା ଗଣ୍ଡାକ ପାଇଁ କେତେ ଲୋକଙ୍କ ପାଖରେ କେତେ କାକୁତି ମିନତି ହେଉଥାଏ| କେବେ କେବେ ସେ ଠେଲାବାଲା ମାନଙ୍କୁ ନେହୁରା ହୋଇ ମାଗୁଥିବ ଯେ,ସେମାନେ ଦେବେ କଣ ଗରଗର ହୋଇ ଚାଲି ଯିବେ|"

ସେ ପୁଣି କହି ଚାଲି ଥିଲା, "ତା ଛଡା ମଣିଷ ମାନଙ୍କର ସହିବା ଶକ୍ତି ଏତେ କମ୍ କାହିଁକି ? ଯଦି ବର୍ଷା ନାହିଁ, ପାଣି ଅଭାବରୁ ଆମ ଭିତରୁ କାହା କାହାର ଜୀବନ ମଧ ଚାଲି ଯାଉଛି| ଆଉ ଝଡ ବର୍ଷା ଆସିଲେ ଆମ ଅବସ୍ଥା କହିଲେ ନ ସରେ| ହେଲେ ମଣିଷ, ଖରା

ହେଉ ତ ଶୀତ ହେଉ, ସବୁ ତାପର ନିୟନ୍ତ୍ରଣ ତାରି ହାତମୁଠାରେ, ସେଥିରେ ପୁଣି ତାର ଖରାକୁ ଡର, ବର୍ଷାକୁ ଡର, ଶୀତକୁ ଡର| ଖରା ଟିକେ ଅଧିକ ହେଲେ କି ଶୀତ ଟିକେ ଅଧିକ ହେଲେ ସେ ସହି ପାରିବନି| ଖାଲି କଣ ଏତିକି, ସେଦିନ ଦେଖୁନ କି ବା କଥାକୁ ରାସ୍ତା ଉପରଟାରେ ଜଳା ପୋଡା ର ତାଣ୍ଡବଲୀଳା ଆରମ୍ଭ ହୋଇଗଲା| ସେ ନିଆଁର ଧାସରେ ଆମେମାନେ ବି ଅଧା ସିଝିଗଲେ |"

ଟଗର ଗଛ ଥାଇ ଥାଇ କହିଲା, "ହଁ ଯାହା କହିଲୁ ଠିକ ଯେ, ହେଲେ ସବୁ ମଣିଷ କଣ ସମାନ| ଏଇ ମଣିଷ ପୁଣି କିଏ କେତେ ପ୍ରକାରର| ଦେଖୁନୁ କିଏ ଆସି ନମସ୍କାରଟିଏ କରି କହୁଛି, ହେ ବୃକ୍ଷ ଦେବତା, ମୋର ଦୁଇଟି ଫୁଲ ଦରକାର, ସେଇଥିପାଇଁ ତୁମକୁ ଯେଉଁ କଷ୍ଟ ଦେଲି ମୋତେ କ୍ଷମା କରିଦେବ| ଆଉ କିଏ ଆସୁଛି, ଖାଲି ଫୁଲ କାହିଁକି, ଫୁଲ ସାଙ୍ଗେ ସାଙ୍ଗେ, ଡାଳ ପାତ୍ର ବି ମଡ୍ ମାଡ୍ ଭାଙ୍ଗି ଚାଲି ଯାଉଛି| ସେ ହୁଏତ ଭାବୁଥିବ, ଏ ଗଛ ପତ୍ରଗୁଡାଙ୍କର ପୁଣି କଷ୍ଟ କଣ ? କାହାର କେଉଁ ବିଚାର ?"

ମନ୍ଦାର ଗଛ ଏ ସବୁ ଶୁଣି ସାରି କହିଲା, "ତମେ ସବୁ ଗୋଟିଏ ପଟରୁ ଦେଖି ଏତେ କଥା କହି ଯାଉଛ| ହେଲେ ମଣିଷର ସ୍ୱାଧୀନତା, ତାର ବୁଦ୍ଧି, ତାର ସାହାସ ଏସବୁ କଥା ତ ଭାବୁନ? ଏଇଠି ଦେଖ କାଉ, ପାରା, ବଣି, ଘରଚଟିଆ ଟିକିଏ କଣ ଖାଇବା ବେଳକୁ କେତେ ପ୍ରମାଦ କେଉଁଠୁ କିଏ ଆସି ଖାଇବା ଓଟାରି ନେଲାଣି ତ, କୋଉଠୁ କୁକୁର, ବିଲେଇ ଦଉଡି ଆସିଲେଣି, ଜୀବନ ରହିଲେ ହେଲା? ଗେଣ୍ଡାଟିଏ ଦେଖି କେତେ ଆଶାରେ କୁମ୍ଭାଟୁଆ ବିଚରା ଉଡି ଆସିଲାବେଳକୁ, କୁକୁରକୁ ଏମିତି ବାସିବ ଯେ, ସେ ଆସି ହାଜର ହୋଇଯିବ| ହେଲେ ମଣିଷ ପାଇଁ ଏସବୁ ସମସ୍ୟା କାହିଁ? ତା ଛଡା କୁକୁର, ବିଲେଇ, ଗାଈ, ଏମିତି କେତେ ଜୀବ ଜନ୍ତୁଙ୍କୁ ଆଣି ପୋଷା ମନାଇ ନିଜ ପାଖରେ ରଖି ପାରୁଛି |"

"ଆରେ ସେଦିନ ସର୍କସରୁ ଫେରି ପିଲାଦଳଟା ଏଠି ବସି ଯାହା ସବୁ ଗପୁଥିଲେ, ପାଶୋରି ଦେଲ ନା କଣ? ବାଘ, ସିଂହ ଭଳି ଜୀବମାନଙ୍କୁ ଏଇ ମଣିଷ, ଚାବୁକ ଖଣ୍ଡେ

ଧରି ଉଠା ବସା କରାଉଛି| ହାତୀ, ଘୋଡା, ମାଙ୍କଡ, କୁକୁଡ଼ା ଏମାନଙ୍କୁ ପୁଣି କେତେ ପ୍ରକାରର ନାଚ, ଖେଳ ଶିଖାଇ, ସର୍କସରେ ନଚାଇ ପାରୁଛି, ଖେଳାଇ ପାରୁଛି| ଯିଏ ଜଙ୍ଗଲରୁ ପଶୁ ପକ୍ଷୀ ଧରି ଆଣି ସେମାନଙ୍କ ଆଚରଣ ନିୟନ୍ତ୍ରଣ କରିପାରୁଛି, ସେମାନଙ୍କୁ ଶୃଙ୍ଖଳିତ କରାଇ ପାରୁଛି, ତା ପାଇଁ ପୁଣି ଅସାଧ କଣ? ଆମେ ଚାହିଁଲେ, ଇଞ୍ଚଟାଏ ବି ଘୁଞ୍ଚି ପାରିବାନି, ହେଲେ ମଣିଷ ନିଜ ଇଚ୍ଛାରେ ବିଶ୍ୱବ୍ରହ୍ମାଣ୍ଡଟା ଘୁରି ଆସି ପାରୁଛି| ଆମେ ତ ଏଇ ଛୋଟିଆ ବଗିଚାର ଆଖ ପାଖରେ କଣ ଘଟୁଛି ଦେଖୁଚେ, ଜାଣୁଚେ, ଆଉ ମଣିଷ ଏଇ ଦୁନିଆ ବଗିଚାରେ ଘଟୁଥିବା ଅସଂଖ୍ୟ ଘଟଣା ଦେଖୁଛି ଜାଣୁଛି| ନିଜ ଇଚ୍ଛାରେ ବଗିଚାଟିଏ ତିଆରି ବି କରିପାରୁଛି,ଚାହିଁଲେ ତାକୁ ଉଜାଡି ଦେଇପାରୁଛି |"

ଖାଇ ସାରି ମାଳୀ ବାପୁଡା ଝାଞ୍ଜି ଖରାରୁ ଟିକିଏ ଉଶ୍ୱାସ ପାଇବା ପାଇଁ, ଗଛ ମୂଳଟାରେ ଗାମୁଛା ବିଛାଇ ଟିକିଏ ଗଡି ଯାଇଥିଲା| ଛାଇ ଛାଇକା ନିଦ ମାଡି ଆସିଲା ବେଳକୁ, ପବନ ତାର ମୃଦୁ ଗତିରେ, ଗଛମାନଙ୍କର ବାର୍ତ୍ତାଳାପ ଆଣି ତା କାନ ପାଖରେ ପହଞ୍ଚାଇ ଦେଉଥିଲା| ଚମକିପଡି ଉଠି ବସିଲା ସେ| ଆରେ ସତେ ତ କେଡେ କଥା ନ କହିଲେ ଆଉ? ଏ ବଗିଚାଟାକୁ ସଜାଡିବାରେ ଜୀବନର ଅଧା ସମୟ କାଟିଦେଲି, ହେଲେ ନିଜକୁ ସଜାଡିବା କଥାଟା କେବେତ ମୁଣ୍ଡରେ ପଶିନଥିଲା| ସବୁବେଳେ ଏ ବଗିଚାର ଅଳିଆ ଅନାବନା ସଫା କରିବାରେ ମନଟା ଥାଏ, ହେଲେ ଏ ଶରୀର ଖଣ୍ଡକ ମଧ୍ୟ ଏକ ବଗିଚା ସ୍ୱରୂପ| ତା'ର ଅଳିଆ ଅନାବନା ସଫା .....................| ସେ ପୁଣି ସେଇ ଗଛ ମାନଙ୍କ ଆଡକୁ ଚାହିଁଲା, ନା... କାଇଁ କେହି ତ କଥା ହେଲାପରି ଜଣା ପଡୁନି, ତେବେ କଣ ସେ ସପନ ଦେଖୁଥିଲା|

ହେଲେ ...........ପୁଣି ...........କେହି ଯେମିତି ତାକୁ କେମିତି ଗୋଟାଏ ଆବୋରି ଧରି ରଖିଲା ପରି ଲାଗୁଥିଲା ସହଜରେ ସେଥିରୁ ସେ ମୁକୁଳି ପାରୁ ନ ଥିଲା |

# ହନୁମାନଙ୍କ ବୁଦ୍ଧିମତା



ବାଦଲ ମହାରଣା

ଶିଷ୍ୟତ୍ୱ ଗ୍ରହଣ ପାଇଁ ବୁଦ୍ଧିମତାର ପରିଚୟ ଦେଲେ ହନୁମାନ

ଗୁରୁଶିଷ୍ୟ ପରମ୍ପରା ବିଷୟରେ ଅନେକ କଥାମାନ ରହିଛି । ପୁରାଣର ଅନେକ ଗୁରୁଶିଷ୍ୟ ପରମ୍ପରା ବିଷୟ କଥନ ଆଜିର ଦିନରେ ମଧ୍ୟ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ପ୍ରଦାନ କରି ଆସୁଛି । ଶିକ୍ଷା କ୍ଷେତ୍ରରେ ଉନ୍ନତି କରିବାପାଇଁ ଓ ଭଲ ମଣିଷଟିଏ ହେବାପାଇଁ । ଶ୍ରେଷ୍ଠ ଗୁରୁଶିଷ୍ୟ ପରମ୍ପରାକୁ ଉଜ୍ଜୀବିତ କରୁଥିବା ଏବଂ ଛାତ୍ର ଛାତ୍ରୀମାନଙ୍କୁ ପ୍ରେରଣା ପ୍ରଦାନ କରୁଥିବା ଏକ ବିଷୟର ଅବତାରଣା ଏହିଠାରେ କରୁଛି, ଯାହା ଅତ୍ୟନ୍ତ ମନମୁଗଧ୍କର ଓ ଶିକ୍ଷଣୀୟ, ଏଥିରେ ଦ୍ୱିମତ ନାହିଁ । ତାହା ହେଉଛି, ବୀର ହନୁମାନଙ୍କ ସୂର୍ଯ୍ୟଙ୍କଠାରୁ ବିଦ୍ୟା ଅର୍ଜନ କରିବା ବା ସୂର୍ଯ୍ୟଙ୍କୁ ନିଜ ଗୁରୁ ରୂପରେ ପାଇବା ପାଇଁ ଚେଷ୍ଟାର କାହାଣୀ ।

ହନୁମାନ ହେଉଛନ୍ତି ପବନପୁତ୍ର । ଏକ ସନ୍ତାନ ପ୍ରାପ୍ତି ହେତୁ ହନୁମାନଙ୍କ ମାତା ଅଞ୍ଜନାଦେବୀ ସ୍ୱାମୀ କେଶରୀଙ୍କ ସହ ୧୨ ବର୍ଷକାଳ ପବନ ଆହାର କରି ଶିବଙ୍କୁ ତପ କରିଥିଲେ । ସେମାନଙ୍କର ଭକ୍ତିରେ ପ୍ରସନ୍ନ ହୋଇ ପବନ ଦେବ ସେମାନଙ୍କୁ ସାହାଯ୍ୟ କରିଥିଲେ । ପୁରାଣ କଥା ଅନୁସାରେ ମହାବୀର ହନୁମାନ ଭଗବାନ ବିଷ୍ଣୁ ଏବଂ ଶିବଙ୍କ ସମ୍ମିଳିତ ଶକ୍ତିରୁ ସୃଷ୍ଟି । ବିଷ୍ଣୁ ଓ ଶିବଙ୍କ ଶୌର୍ଯ୍ୟକୁ ପବନ ଦେବ, ଅଞ୍ଜନାଙ୍କ ଗର୍ଭରେ ପହଞ୍ଚାଇବା ପରେ ହନୁମାନଙ୍କ ଜନ୍ମ ହୋଇଥିଲା । ହନୁମାନଙ୍କୁ ରୁଦ୍ରଙ୍କ ଏକାଦଶ ଅବତାର ବୋଲି ମଧ୍ୟ କୁହାଯାଏ । ଜନ୍ମରୁ ହିଁ ହନୁମାନ ପ୍ରଚଣ୍ଡ ବୁଦ୍ଧିମାନ ଓ ଧୀ-କ୍ଷମତା ସମ୍ପର୍ନ୍ନ ଥିଲେ । ଅସମ୍ଭବକୁ ସମ୍ଭବ କରିପାରୁଥିବାରୁ ସେ ମହା ଶକ୍ତିଶାଳୀ ବୋଲି ପ୍ରମାଣ କରିଥିଲେ । କିନ୍ତୁ ପିଲାଦିନେ ସେ ଥିଲେ ବହୁତ ଦୁଷ୍ଟ । ତାଙ୍କ ଦୁଷ୍ଟାମୀ ପାଇଁ ମୁନୀଋଷିମାନେ ତାଙ୍କୁ ଅଭିଶାପ ଦେଇକହିଥିଲେ, 'ତୁମେ ତୁମର ଶକ୍ତି ସେ ପର୍ଯ୍ୟନ୍ତ ଭୁଲିଯାଅ ଯେଉଁ ପର୍ଯ୍ୟନ୍ତ ତୁମ ଶକ୍ତି ବିଷୟରେ କେହି ତୁମକୁ ସ୍ମରଣ କରାଇ ଦେଉନାହାନ୍ତି ।' ଅନେକ ଘଟଣା ଓ ଦୁର୍ଘଟଣା ମଧ୍ୟ ଦେଇ ହନୁମାନ ବଡ଼ ହେଲେ । ହନୁମାନ ଭଗବାନ ଶିବ ଓ ପବନ ଦେବଙ୍କୁ ଅତ୍ୟନ୍ତ ଭକ୍ତି ଓ ଶ୍ରଦ୍ଧା କରୁଥିଲେ । ମାତା ଅଞ୍ଜନାଙ୍କ ପ୍ରେରଣାରେ ହନୁମାନ ଶିବଙ୍କ ପାଖକୁ ଯାଇ ଶିକ୍ଷାଗ୍ରହଣ ହେତୁ ଇଚ୍ଛା ପ୍ରକଟ କରିଥିଲେ । ଭଗବାନ ଶିବ ତାଙ୍କୁ ତାଙ୍କର ଜନ୍ମ

ପୁରୁଷୋତ୍ତମ ରାମଙ୍କ ଉଦ୍ଦେଶ୍ୟ ସାଧନ ଓ ଯୁଗ ଯୁଗ ଧରି ସମାଜ କଲ୍ୟାଣ ହେତୁ ହୋଇଛି ବୋଲି ଜଣାଇଥିଲେ | ଏଥିପାଇଁ ସର୍ବୋତ୍କୃଷ୍ଟ ଗୁରୁ କେବଳ ସୂର୍ଯ୍ୟଦେବ ବୋଲି ସେ ଜଣାଇଥିଲେ | ସେହି ଦିନୁ ହନୁମାନ ସୂର୍ଯ୍ୟଙ୍କୁ ନିଜ ଗୁରୁ ରୂପରେ ପାଇବାପାଇଁ ମନୋନିବେଶ କରିଥିଲେ | ସେ ସୂର୍ଯ୍ୟଙ୍କୁ ନିଜ ଗୁରୁ ରୂପରେ ଗ୍ରହଣ କରିବା ପାଇଁ ସୂର୍ଯ୍ୟମଣ୍ଡଳକୁ ଯାତ୍ରା କଲେ | ସୂର୍ଯ୍ୟଙ୍କ ପ୍ରଚଣ୍ଡ କିରଣକୁ ସହ୍ୟ କରିବା ଭଳି ଶକ୍ତି କେବଳ ହନୁମାନଙ୍କ ପାଖରେ ହିଁ ଥିଲା |

ସମଗ୍ର ସଂସାରରେ ଏକମାତ୍ର ଦେବ ସୂର୍ଯ୍ୟ ଦେବ ଯାହାଙ୍କ ପାଇଁ ଜୀବଜଗତ ରହିଛି | ସୂର୍ଯ୍ୟ ଦେବ ସେବା ଓ କର୍ମର ପ୍ରତୀକ, ତାଙ୍କର କ୍ଷଣିକ ପାଇଁ ବିଶ୍ରାମ ସଂସାରର ପ୍ରଗତିରେ ବାଧକ ହୋଇପାରେ | ଏଣୁ ସୂର୍ଯ୍ୟଙ୍କୁ ସକଳ ଶକ୍ତିର ଆଧାର ବୋଲି ମଧ୍ୟ କୁହାଯାଏ | ହନୁମାନ ସୂର୍ଯ୍ୟମଣ୍ଡଳ ମଧ୍ୟରେ ପ୍ରବେଶ କଲେ | ହନୁମାନଙ୍କୁ ଦେଖି ସୂର୍ଯ୍ୟଦେବ ଭୟଭୀତ ହୋଇ ଆଗକୁ ତୀବ୍ରତା ସହିତ ଗତି କରିବାକୁ ଲାଗିଲେ | ହନୁମାନ ତାଙ୍କ ପଛରୁ ଗୁରୁଦେବ ରହନ୍ତୁ, ମୋ କଥା ଟିକେ ଶୁଣନ୍ତୁ, ମୁଁ ଆପଣଙ୍କ ଶିଷ୍ୟତ୍ୱ ଗ୍ରହଣ କରିବାକୁ ଆସିଛି ବୋଲି କହିଲେ, କିନ୍ତୁ ସୂର୍ଯ୍ୟ ସେତେବେଳେ ତୀବ୍ର ବେଗରେ ଆଗକୁ ମାଡ଼ି ଚାଲିଥାଆନ୍ତି |

ପିଲା ଦିନେ ହନୁମାନ ସୂର୍ଯ୍ୟଙ୍କୁ ଫଳ ବୋଲି ଭାବି ଗିଳିବାକୁ ଚେଷ୍ଟା କରିଥିଲେ | ଏବେ ହନୁମାନ ବଡ଼ ହୋଇସାରିଲେଣି ତେଣୁ ସେ ଏବେ ଚାହିଁଲେ ସୂର୍ଯ୍ୟଦେବଙ୍କୁ ସମ୍ପୂର୍ଣ୍ଣ ଉଦରସ୍ଥ କରିଦେଇ ପାରିବେ ବୋଲି ଚିନ୍ତା କରି ସୂର୍ଯ୍ୟଦେବ ଭୟଭୀତ ହୋଇ ଉଠିଥିଲେ |

ହନୁମାନ ସୂର୍ଯ୍ୟଦେବଙ୍କ ଗତିଠାରୁ ଅଧିକ ବେଗରେ ଗତିକରି ପଥ ଓଗାଳି ଆଗରେ ଯାଇ ପହଞ୍ଚିଲେ | ସୂର୍ଯ୍ୟଦେବ ପଥ ଓଗାଳିବାର କାରଣ ପଚାରିବା ପରେ, ହନୁମାନ ସାଷ୍ଟାଙ୍ଗ ପ୍ରଣିପାତ କରି ଗୁରୁଦେବ ବୋଲି ସମ୍ବୋଧନ କରି କହିଲେ, ହେ ସକଳ ଶକ୍ତିର ଆଧାର ମୋତେ ଆପଣଙ୍କ ଶିଷ୍ୟ ଭାବରେ ଗ୍ରହଣ କରନ୍ତୁ | ହନୁମାନଙ୍କ ଅଭିପ୍ରାୟ ଶୁଣିବାପରେ ସୂର୍ଯ୍ୟ ଭୟଶୂନ୍ୟ ହେଲେ କିନ୍ତୁ ହନୁମାନଙ୍କୁ ଶିଷ୍ୟ ଭାବରେ ଗ୍ରହଣ କରିବାକୁ

ରୋକଠୋକ୍ ମନା କରିଦେଲେ | କିନ୍ତୁ ହନୁମାନ ନଛୋଡ଼ବନ୍ଧା ହୋଇ ଘୋଷଣା କଲେ ଯେ ଯଦି ସୂର୍ଯ୍ୟଦେବ ତାଙ୍କୁ ଶିଷ୍ୟଭାବରେ ଗ୍ରହଣ ନ କରନ୍ତି ତେବେ ସେ ସୂର୍ଯ୍ୟଦେବଙ୍କ ପଥରୋଧ କରି ରହିବେ | ସୂର୍ଯ୍ୟଦେବ ଏହା ଶୁଣି ଚିନ୍ତାରେ ପଡ଼ିଗଲେ ଓ କେମିତି ଏ ଅସୁବିଧାରୁ ମୁକୁଳିବେ ସେଇ ବାଟ ଚିନ୍ତା କରିବାକୁ ଲାଗିଲେ |

ସୂର୍ଯ୍ୟଦେବ ହନୁମାନଙ୍କୁ କହିଲେ, ଦେଖ ହନୁମାନ, ସମଗ୍ର ସଂସାରକୁ ଆଲୋକ ପ୍ରଦାନ କରିବା ମୋର ପ୍ରାଥମିକ କାର୍ଯ୍ୟ, ସେଥିରୁ ନିବୃତ ରହିଲେ ସମ୍ପୂର୍ଣ୍ଣ ସଂସାରର କ୍ଷତି ହେବ | ଏଣୁ ତୁମେ ଜଣକ ପାଇଁ ମୁଁ ସମଗ୍ର ସଂସାରକୁ ଅସୁବିଧାରେ ପକାଇ ପାରିବି ନାହିଁ | ହନୁମାନ କହିଲେ, ଗୁରୁଦେବ ମୁଁ ଆପଣଙ୍କ ସହ ଘୁରି ବୁଲି ବୁଲି ଶିକ୍ଷା ଲାଭ କରିବି | ସୂର୍ଯ୍ୟ ଦେବ କହିଲେ ଶିକ୍ଷାଦାନ ଏକ ସ୍ଥିର କାର୍ଯ୍ୟ, ମୁଁ କୌଣସି ବିଚଳିତ ଓ ଚଳଚଞ୍ଚଳ ଶିଷ୍ୟକୁ ଶିକ୍ଷାଦାନ କରିବାକୁ ଚାହେଁନି | ହନୁମାନ ପୁଣି କହିଲେ, ଗୁରୁଦେବ ମୋ ପାଖରେ ଆଉ ଏକ ଉପାୟ ଅଛି, ଆପଣ ଅନୁମତି ଦେଲେ ତାହା ମଧ୍ୟ ସମ୍ଭବ ହୋଇପାରିବ | ମୋର ଶିକ୍ଷାଦାନ ସମାପ୍ତ ହେବାପର୍ଯ୍ୟନ୍ତ ମୁଁ ଆପଣଙ୍କ ରଥାରୁଢ଼ ହୋଇ ରହିବି | ଏଥିରେ ବିଚଳିତ ସୂର୍ଯ୍ୟଦେବା କ୍ରୋଧର ସହିତ କହିଲେ ଆଜି ପର୍ଯ୍ୟନ୍ତ କେହି ମୋ ରଥକୁ ଛୁଇଁବାର ସାହାସ କରିନାହାନ୍ତି, ତୁମେ ଏମିତି ଦୁଃସାହସ କରିବା କଥା କହୁଛ, ତୁମ ପରି ଶିଷ୍ୟ ମୋର ଆବଶ୍ୟକତା ନାହିଁ |

ହନୁମାନ ସୂର୍ଯ୍ୟ ଦେବଙ୍କୁ କ୍ଷମା ମାଗିଲେ ଏବଂ ଶିକ୍ଷା ନିମିତ୍ତ ପଥ ପାର୍ଶ୍ବରେ ସୂର୍ଯ୍ୟଙ୍କ ଆଡ଼କୁ ମୁହଁ କରି ଠିଆ ହେଲେ | ନିଜ ଶରୀରକୁ ବିଶାଳକାୟ କରି ନିଜର ଦୁଇପାଦରେ ସେ ପୃଥିବୀର ପୂର୍ବ ଓ ପଶ୍ଚିମ ପଟକୁ ସ୍ଥାପନ କରି ରହିଲେ ଏବଂ ସୂର୍ଯ୍ୟଦେବଙ୍କୁ ଶିଷ୍ୟତ୍ବ ପାଇଁ ଭିକ୍ଷା କଲେ |

ହନୁମାନଙ୍କ ବୁଦ୍ଧିମତାରେ ପ୍ରସନ୍ନ ହୋଇ ସୂର୍ଯ୍ୟଦେବ ତାଙ୍କୁ ଶିଷ୍ୟଭାବରେ ଗ୍ରହଣ କଲେ ଓ ଶିକ୍ଷା ପ୍ରଦାନ କଲେ | ହନୁମାନଙ୍କ ଶିକ୍ଷା ଗ୍ରହଣର ନିଷ୍ଠାପରତା ଓ ଗୁରୁଭକ୍ତି ପରବର୍ତ୍ତୀ ସମୟରେ ହନୁମାନଙ୍କୁ ସର୍ବଜ୍ଞାନର ଅଧିକାରୀ କରାଇଥିଲା | ଏବଂ ଯୁଗ

ଯୁଗପାଇଁ ଗୁରୁଶିଷ୍ୟ ପରମ୍ପରାର ଏକ ଉତ୍କୃଷ୍ଟ ନିଦର୍ଶନ ସୃଷ୍ଟି କରିଥିଲା | ହନୁମାନ କେବଳ ବିଦ୍ୟାର ଧନୀ ନଥିଲେ ସେ ମଧ ବଳିଷ୍ଠ ଓ ସୁସ୍ଥ ଶରୀରର ଧନୀ ଥିଲେ | ଉତ୍ତମ ବିଦ୍ୟା ଅଧ୍ୟୟନ ନିମିତ୍ତ ଉତ୍ତମ ଶରୀରର ଆବଶ୍ୟକତା ରହିଛି | ଯାହା ହନୁମାନଙ୍କ ଠାରୁ ପ୍ରେରଣା ମିଳିଥାଏ |

ଗୁରୁ ସଦାସର୍ବଦା ଉର୍ବର କ୍ଷେତ ସଦୃଶ ହୋଇଥାନ୍ତି | ଅଧିକରୁ ଅଧିକ ପରିଶ୍ରମ ଅଧିକ ଫଳ ପ୍ରାପ୍ତିର କାରଣ ହୋଇଥାଏ | ଗୁରୁଙ୍କୁ ଅସରନ୍ତି ଭଣ୍ଡାର, ମଧୁର ଫଳ ବୃକ୍ଷ, କେବେ ଶୁଖୁନଥିବା ଗଙ୍ଗା ନଦୀ ସହିତ ତୁଳନା କରାଯାଇଛି | ଆଜିର ଦିନରେ ସମସ୍ତ ଅଧ୍ୟୟନରତ ଛାତ୍ର ଛାତ୍ରୀମାନଙ୍କ ଭିତରେ ହନୁମାନଙ୍କ ଭଳି ଜିଜ୍ଞାସା ଓ ପ୍ରତ୍ୟେକ ସ୍ଥିତିରେ ଶିଖିବାର ମାନସିକତା ରହିବା ଦରକାର, ଯାହା ଦ୍ବାରା ସେମାନେ ଜୀବନରେ କିଛି କରି ଦେଖାଇବାର ଆକାଂକ୍ଷା ଜାଗ୍ରତ କରିପାରିବେ |

# ଘୋଡ଼ାନାଚ



ରଞ୍ଜନ କୁମାର ପାଣିଗ୍ରାହୀ

"ଘୋଡ଼ା ନାଚ" - ଓଡ଼ିଶାର ଏକ ଅନନ୍ୟ ଲୋକନୃତ୍ୟ

ଉଡ୍ର ଦେଶ, କଳିଙ୍ଗ, ଉତ୍କଳ, ଓଡ଼ିଶା - ଗୋଟିଏ ପ୍ରଦେଶର ବିଭିନ୍ନ ନାମ| ଆମ ଓଡ଼ିଶା ପ୍ରଦେଶ ବିଭିନ୍ନ ନାମରେ ତିଷ୍ଠି ରହିଥିବା ସମୟରେ ତା'ର ଭୌଗଳିକ ପରିସୀମା ଭିନ୍ନ ହୋଇ ପାରିଥାଏ; କିନ୍ତୁ ଭାଷା, ସଂସ୍କୃତି ଓ ପରମ୍ପରା ଦୃଷ୍ଟିକୋଣରୁ ଦେଖିଲେ, ସେମାନେ ଏକ ଓ ଅଭିନ୍ନ| ବହୁ ପ୍ରାଚୀନ କାଳରୁ ଭାରତବର୍ଷରେ ଦେବଭୂମି ଓଡ଼ିଶା ତା'ର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଆସିଛି| ତା'ର ଭାଷା ଯେପରି ଗୌରବମୟ; ତା'ର ସଂସ୍କୃତି ଓ ପରମ୍ପରା ସେହିପରି ମହାନ| ତା'ର ପବିତ୍ର ମାଟିରେ ପୁରାତନ କାଳରୁ ଆଜି ପର୍ଯ୍ୟନ୍ତ ଅନେକ ପରମ୍ପରା ନିରବଚ୍ଛିନ୍ନ ଭାବରେ ରହିଆସିଛି| ସେଥିପାଇଁ ତ ଓଡ଼ିଶାକୁ ସଂସ୍କୃତି ଓ ପରମ୍ପରାର ଗନ୍ତାଘର ବୋଲି କୁହାଯାଏ| ଏ ମାଟି ତା'ର କଳା, ନୃତ୍ୟ, ପର୍ବପର୍ବାଣୀ, ସାହିତ୍ୟ ଇତ୍ୟାଦିରେ ଗୌରବାନ୍ୱିତ|

ଓଡ଼ିଶାର ବିଭିନ୍ନ ଲୋକନୃତ୍ୟ ମଧ୍ୟରେ ଘୋଡ଼ା ନାଚ ଅନ୍ୟତମ| ବହୁ ପୁରାତନ କାଳରୁ ଏହି ନାଚ ଓଡ଼ିଶାର ନୈସର୍ଗିକ ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ରହିଆସିଛି| ଏହି ନାଚ ଦେଖିବାରେ ଯେଉଁ ଆନନ୍ଦ ଏବଂ ଶାନ୍ତି ମିଳେ, ତାହା ହୁଏତ ଅନ୍ୟ କେଉଁଠି ମିଳି ନପାରେ|



କୈବର୍ତ୍ତ ବା କେଉଟ ସମ୍ପ୍ରଦାୟର ଦେବୀ ହେଉଛନ୍ତି ମା' ବାଶୁଳୀ| କୈବର୍ତ୍ତମାନେ ମା' ବାଶୁଳୀଙ୍କୁ ସେମାନଙ୍କର ରକ୍ଷାକର୍ତ୍ତ୍ରୀ ରୂପେ ମାନନ୍ତି| ଏହି ବାଶୁଳୀ ମା'ଙ୍କ ପୂଜାର ମୁଖ୍ୟ ଆକର୍ଷଣ ହେଉଛି ଘୋଡ଼ା ନାଚ| ଚୈତ୍ର ବା ଚଇତ ମାସରେ ମା' ବାଶୁଳୀଙ୍କ ପୂଜା ବେଶ୍ ଧୁମ୍ଧାମ୍ରେ ପାଳନ କରାଯାଏ| ଚଇତ ମାସର ଏହି ପର୍ବରେ ଘୋଡ଼ା ନାଚର ଆୟୋଜନ କରାଯାଉଥିବାରୁ ଏହାକୁ "ଚଇତି ଘୋଡ଼ା ନାଚ" ମଧ୍ୟ କୁହାଯାଏ| ଘୋଡ଼ା ନାଚ କୈବର୍ତ୍ତ ସମ୍ପ୍ରଦାୟ ସହ ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ|

ମା' ବାଶୁଳୀଙ୍କ ମୁଖମଣ୍ଡଳ ଦେଖିବାକୁ ଘୋଡ଼ାର ମୁଖମଣ୍ଡଳ ପରି| ତାଙ୍କର ମୁଖ୍ୟ

ପୂଜା ଚଇତି ପର୍ବ ଚୈତ୍ର ପୂର୍ଣ୍ଣିମାରେ ଆରମ୍ଭ ହୁଏ। ଏହି ପର୍ବ ଗୋଟିଏ ମାସ ଧରି ଚାଲେ ଏବଂ ବୈଶାଖ ପୂର୍ଣ୍ଣିମାରେ ଶେଷ ହୁଏ। ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ ସଖା କବି ଅଚ୍ଯୁତାନନ୍ଦ ଦାସଙ୍କ ଲିଖିତ "କୈବର୍ତ୍ତ ଗୀତ"ରେ ବାଶୁଳୀ ପୂଜାର ସମ୍ପୂର୍ଣ୍ଣ ବିବରଣୀ ଉଲ୍ଲେଖ ରହିଛି। ଚଇତି ପର୍ବରେ କୈବର୍ତ୍ତମାନେ ବାଉଁଶକୁ ପୂଜା କରନ୍ତି। ତା'ପରେ ସେ ବାଉଁଶକୁ କାଟି ଲମ୍ବା ଲମ୍ବା ଖଣ୍ଡରେ ବିଭକ୍ତ କରାଯାଏ। ତନ୍ମଧ୍ୟରୁ ୧୨ଟି ଖଣ୍ଡ ଘୋଡ଼ା ଖୋଳପା ତିଆରି କରିବା ପାଇଁ ଅଣାଯାଏ। ସେଥିରେ ବିଭିନ୍ନ ରଙ୍ଗ ଓ କପଡ଼ା ଲଗାଇ ସୁସଜ୍ଜିତ କରାଯାଏ। ଏହି ଘୋଡ଼ା ଖୋଳପାକୁ କୃଷ୍ଣପକ୍ଷ ଅଷ୍ଟମୀ ପର୍ଯ୍ୟନ୍ତ ପୂଜା କରାଯାଏ। ତା'ପରେ ଏହାକୁ ନାଚ ପାଇଁ ଅଣାଯାଏ। ଖୋଳପାରେ ଘୋଡ଼ା ମୁଣ୍ଡର ଠିକ୍ ପଛ ପାଖରେ ଏକ କଣା ଥାଏ। ସେହି କଣାରେ ନୃତ୍ୟଶିଳ୍ପୀ ପ୍ରବେଶ କରି ନୃତ୍ୟ ପରିବେଷଣ କରନ୍ତି।

ଏହି ଲୋକନୃତ୍ୟରେ ମୁଖ୍ୟତ ଦୁଇ ଜଣ ନୃତ୍ୟଶିଳ୍ପୀ ଥାଆନ୍ତି; ଜଣେ ପୁରୁଷ ଏବଂ ଅନ୍ୟ ଜଣେ ମହିଳା। ଢୋଲ ଏବଂ ମହୁରୀ ବାଦକ ବଜାଇବା ଆରମ୍ଭ କଲେ ନୃତ୍ୟଶିଳ୍ପୀମାନଙ୍କର ନୃତ୍ୟ ପରିବେଷଣ ଆରମ୍ଭ ହୁଏ। ନୃତ୍ୟ ପରିବେଷଣ ମଧ୍ୟରେ "ରାଉତ -ରାଉତାଣୀ" ଆସି ସେମାନଙ୍କର ନୃତ୍ୟ ଦେଖାନ୍ତି। ଏହି ସମୟରେ ଘୋଡ଼ା ନୃତ୍ୟଶିଳ୍ପୀ ଦୁଇ ଜଣ ମଝିରେ ରହନ୍ତି। ଏହିପରି ନୃତ୍ୟ ଚାଲିଥାଏ। ଏହି ଲୋକନୃତ୍ୟ ଖୁବ୍ ସରଳ ଏବଂ ଏହା ଅତି ସହଜରେ ଶିଖି ହେବ।

ଘୋଡ଼ା ନାଚ ଚାଲିଥିବା ସମୟରେ ଦେଖଣାହାରୀ ଗୀତ, ବାଦ୍ୟଯନ୍ତ୍ର ସ୍ୱର ଏବଂ ନାଚ ମଧ୍ୟରେ ନିବିଡ଼ ଭାବରେ ହଜିଯାଆନ୍ତି। ବାଶୁଳୀ ପୂଜା ଶେଷ ହେବା ପରେ ଘୋଡ଼ା ମୁଣ୍ଡକୁ ଖୋଳପା ମଧ୍ୟରୁ ଅଲଗା କରି ମନ୍ଦିରରେ ରଖାଯାଏ ପର ବର୍ଷ ପାଇଁ। ପର ବର୍ଷ ପୁଣି ଘୋଡ଼ା ମୁଣ୍ଡକୁ ଆଣି ରଙ୍ଗ ଦିଆଯାଏ ଏବଂ ନାଚ ପାଇଁ ପ୍ରସ୍ତୁତ କରାଯାଏ।

ଆଜିକାଲି ଘୋଡ଼ା ନାଚ କେବଳ କୈବର୍ତ୍ତ ସମ୍ପ୍ରଦାୟ ମଧ୍ୟରେ ସୀମିତ ହୋଇ ରହିନାହିଁ। ଅନ୍ୟ ସମ୍ପ୍ରଦାୟର ଶିଳ୍ପୀମାନେ ମଧ୍ୟ ଏହି ନାଚ ପାଇଁ ଆଗ୍ରହ ପ୍ରକାଶ କରିଲେଣି। ଏବେ ଓଡ଼ିଶାରେ ଘୋଡ଼ା ନାଚର ଶିଳ୍ପୀମାନେ ବିଭିନ୍ନ ସମ୍ପ୍ରଦାୟର ଅନ୍ତର୍ଭୁକ୍ତ। ତଥାପି ପ୍ରଚାର ପ୍ରସାର ଅଭାବରୁ ଏହି ଅନନ୍ୟ ପରମ୍ପରା ଧୀରେ ଧୀରେ ହଜିଯିବାକୁ ବସିଲାଣି। ବହୁ ପୁରାତନ ଆମର ଏ ଅତୁଳନୀୟ ପରମ୍ପରା ଏବେ ଆମ ହାତରେ।

# ଭଗବାନ ଯାହା କରନ୍ତି...


ଫେସବୁକରୁ ଗୃହୀତ

ପଡ଼ୋଶୀଘରର ପିଲାମାନଙ୍କର କୋଳାହଳରେ ରମେଶର ନିଦ ଭାଙ୍ଗିଗଲା, ବିରକ୍ତ ଭାବ ପ୍ରକାଶ କରି ସେ କାନ୍ଥରେ ଲାଗିଥିବା ଘଣ୍ଟା ଯେତେବେଳେ ଚାହିଁଲା, ଚମକି ପଡ଼ିଲା | ସାଢ଼େ ଆଠଟା | ହେ ଭଗବାନ, ଏଇ ସମୟରେ ତ ସେ ଅଫିସ ପାଇଁ ପୁରା ପ୍ରସ୍ତୁତ ହୋଇଯିବା କଥା | ତରବରରେ ଉଠି ଗାଧୋଇବାପାଇଁ ଯିବାବେଳକୁ ପାଣି ଗରମ କରିବା ଯନ୍ତ୍ରଟି କାମ କଲାନି, କାରଣ ଘରେ ବିଦ୍ୟୁତ ନଥିଲା | ହେ ଭଗବାନ, ମୋ ସହିତ ହିଁ କାହିଁକି ଏମିତି ହେଉଛି ବୋଲି ସେ କହିଲା |

ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇ ସେ ନିଜ ଗାଡ଼ି ପାଖକୁ ଆସିଲା ବେଳକୁ ଗାଡ଼ି ଜମାରୁ ଷ୍ଟାର୍ଟ୍ ହେଲାନି | ପୁଣିଥରେ ସେ ବିରକ୍ତ ଭାବ ପ୍ରକାଶ କରି କହିଲା, 'ହେ ଭଗବାନ, ମୋ ସହିତ ହିଁ କାହିଁକି ଏମିତି ହେଉଛି?' ସେ ଯା ହେଉ କିଛି ସମୟର ପରିଶ୍ରମ ପରେ ଗାଡ଼ି ଷ୍ଟାର୍ଟ୍ ହୋଇଗଲା ଏବଂ ସେ ଅଫିସ ଗଲା | କାମରେ ଏତେ ବ୍ୟସ୍ତ ହୋଇଗଲା ଯେ କେତେବେଳେ ଖାଇବା ସମୟ ବିତିଗଲା ସେ ଜାଣିପାରିଲା ନାହିଁ, ଯେତେବେଳେ ସେ ଖାଇବା ପାଇଁ କ୍ୟାଣ୍ଟିନ୍‌କୁ ଗଲା ସେତେବେଳକୁ ସବୁ ଖାଇଦେଇ ଚାଲିଗଲେଣି | ବାଧହୋଇ ପାଉଁରୁଟି ଆଉ ଚା' ପିଇଦେଇ ଆସିଲା |

ସନ୍ଧ୍ୟାରେ ଘରକୁ ଫେରିଲା ବେଳକୁ ଘରେ ଅନ୍ଧାର | ବିଦ୍ୟୁତ ଫେରିନି | ଖଟ ଉପରେ ବସିପଡ଼ି ପୁଣି କହିଲା, 'ହେ ଭଗବାନ, ମୋ ସହିତ ହିଁ କାହିଁକି ଏମିତି ହେଉଛି?'

ଏହି ସମୟରେ ପୃଥିବୀ ଭ୍ରମଣରେ ଆସିଥିବା ଭଗବାନ ସେଠାରେ ପ୍ରକଟ ହେଲେ, ଏବଂ ରମେଶକୁ ନିଜର ଏହିପରି ବିରକ୍ତିକର ପରିପ୍ରକାଶର କାରଣ ପଚାରିଲେ | ରମେଶ ତାଙ୍କୁ ପୁରା ଦିନରେ ଘଟିଥିବା ସବୁ ଅସୁବିଧା କଥା କହିଲା ପରେ ଭଗବାନ ହସିଦେଇ କହିଲେ, ଚାଲ ପୁଣିଥରେ ଦେଖିବା ଆଜି କଣ ସବୁ ଘଟିଲା |

ସକାଳ ସାଢ଼େ ସାତଟାରେ ତୁମେ ଉଠିବା କଥା, କିନ୍ତୁ ଆଜି ସକାଳୁ ତୁମର ଘାତଚନ୍ଦ୍ର ଯୋଗଥିଲା, ତୁମର ମୃତ୍ୟୁବି ହୋଇ ପାରିଥାନ୍ତା, ତେଣୁ ମୁଁ ତୁମକୁ ଆଉ କିଛି ସମୟ ଶୁଆଇ ଦେଲି | ତୁମେ ଯେତେବେଳେ ଗାଧୋଇବାପାଇଁ ଗଲ, ସେତେବେଳେ

ପାଣି ଗରମ କରିବା ଯନ୍ତ୍ର କାମ କରୁନଥିଲା, କାରଣ ଘରେ ବିଦ୍ୟୁତ ନଥିଲା, କାରଣ ବିଦ୍ୟୁତର ସକ୍ ଖାଇ ତୁମ ଏହି ଘର ପଡ଼ିଶାରେ ଜଣେ ବ୍ୟକ୍ତିର ମୃତ୍ୟୁ ହୋଇଥିଲା, ଯଦି ତୁମେ ଶୀଘ୍ର ଉଠି ସେଇ ଯନ୍ତ୍ରକୁ ଚଳେଇବାକୁ ଚେଷ୍ଟା କରିଥାନ୍ତ, ହୁଏତ ସେ ବ୍ୟକ୍ତି ସ୍ଥାନରେ ତୁମେ ଥାଆନ୍ତ | ତୁମେ ଅଫିସ ଯିବାବେଳକୁ ତୁମର ଗାଡ଼ି ଷ୍ଟାର୍ଟ୍ ହେଲାନି | ଜାଣିଛ, ତୁମେ ଯେଉଁ ରାସ୍ତାରେ ନିତିଦିନ ଅଫିସ ଯାଅ ଆଜି ସେହି ରାସ୍ତାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି, ଯେଉଁଠି ଚାରିଜଣ ଲୋକ ପ୍ରାଣ ହରେଇଛନ୍ତି, ତୁମେ ଯଦି ଶୀଘ୍ର ସେହି ରାସ୍ତାରେ ଯାଇଥାନ୍ତ, ହୁଏତ ସେମାନଙ୍କ ସ୍ଥାନରେ ତୁମେ ରହିଥାନ୍ତ | ଆଜି ଅଫିସରେ ତୁମକୁ କିଛି ଖାଇବାକୁ ମିଳିଲା ନାହିଁ, କିନ୍ତୁ ତୁମେ ଜାଣିନ ଆଜି ତୁମ ଅଫିସ କ୍ୟାଣ୍ଟିନରେ ଯେଉଁମାନେ ସବୁ ଖାଇଛନ୍ତି ସମସ୍ତେ ବିଷାକ୍ତଖାଦ୍ୟ ଖାଇ ଚିକିତ୍ସାପାଇଁ ଯାଉଛନ୍ତି | ତେଣୁ ମୁଁ ତୁମକୁ ବିଳମ୍ବରେ ସେଠିକୁ ପଠାଇଥିଲି | ଏବେ ତୁମେ ଘରକୁ ଫେରି ପୁଣି ଅନ୍ଧକାର ଦେଖି ମୋ ଉପରେ ବିରକ୍ତି ଭାବ ପ୍ରକଟ କରୁଛ, କିନ୍ତୁ ତୁମେ ବୋଧହୁଏ ଭୁଲି ଯାଉଛ, ଆଜି ତୁମ ଘରର ବିଦ୍ୟୁତ ବିଲ୍ ପଇଠ କରିବାର ଦିନଥିଲା, ଯାହା ତୁମେ କରିନ |

ରମେଶ ଚମକି ପଡ଼ିଥିଲା | ସେ ନିଜ ଭୁଲ ବୁଝିପାରୁଥିଲା | ଭଗବାନ କହୁଥିଲେ, ତୁମେ ନିଜ ପାଇଁ ଯେମିତି ପ୍ଲାନିଂ କରୁଛ ମୁଁ ସେମିତି ମୋର ସମସ୍ତ ସନ୍ତାନମାନଙ୍କ ପାଇଁ ପ୍ଲାନିଂ କରୁଛି | ମୋ ପ୍ଲାନିଂ ଉପରେ ବିଶ୍ବାସ ରଖ, ତୁମର କିଛି ଅସୁବିଧା ହେବନାହିଁ |

ଆହ୍ୱାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା । ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ । ବେଳେ ବେଳେ ପୂଜାପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ ।

ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ । ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ ।

ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ । ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ ।

ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ୱାରା କିମ୍ବା ଇ-ମେଲ୍ ଦ୍ୱାରା ପଠାଇପାରିବେ । ଡ଼ାକ ଦ୍ୱାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ୱରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ । ଇ-ମେଲ୍ ଦ୍ୱାରା ପଠାଉଥିଲେ ଲେଖାକୁ ଲେଖି ସାରିବ ପରେ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ ।

ଆହ୍ୱାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ୱାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ । ଆମେ ପରିବେଶ ପ୍ରଦୂଷଣ ବିରୋଧ କରୁ ।

ଆହ୍ୱାନ ଇ-ପତ୍ରିକାରେ ଲେଖା ପ୍ରକାଶିତ କରିବାପାଇଁ ଯଦି ଆପଣ ଇଚ୍ଛୁକ ତେବେ ନିଜ ଲିଖିତ କୃତିକୁ ଆପଣ ଆମ ନିକଟକୁ ପଠାନ୍ତୁ । ଯେହେତୁ ଏହି ପତ୍ରିକା ଇଣ୍ଟରନେଟରେ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକ ମାସରେ ଶହସ୍ରାଧିକ ଓଡ଼ିଆଙ୍କ କମ୍ପ୍ୟୁଟରରେ ଶୋଭାପାଏ ତେଣୁ ଏହି ପତ୍ରିକାପାଇଁ ଲେଖା ମଧ୍ୟ ଇଣ୍ଟର୍‌ନେଟ ମାଧ୍ୟମରେ ହିଁ ଗ୍ରହଣ କରାଯାଏ । ଯଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ଲେଖା ପଠାଇ ପାରିବେ ନାହିଁ, ତେବେ ଆପଣ ନିଜ ଲେଖା ଧଳା କାଗଜରେ ଗୋଟିଏ ପାର୍ଶ୍ୱରେ ନିର୍ମଳ ହସ୍ତାକ୍ଷରରେ ଲେଖି ଆମ ନିକଟକୁ ନିମ୍ନ ଠିକଣାରେ ପଠାଇ ପାରିବେ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ବୀମା ନଗର - ୨ୟ ଗଳି
ଆମ୍ବପୁଆ, ବ୍ରହ୍ମପୁର - ୭୬୦୦୧୦
ଓଡ଼ିଶା, ଫୋନ୍: ୯୦୪୦୯୮୫୪୬୩/୯୮୬୧୯୬୨୧୬୦

ଯଦି ଆପଣ ଇଣ୍ଟର୍‌ନେଟ୍ ମାଧ୍ୟମରେ ଲେଖା ପଠାଇବାକୁ ଚାହାନ୍ତି ତେବେ ନିଜ ଲେଖାକୁ ଟାଇପ୍ (ଓଡ଼ିଆ ୟୁନିକୋଡ଼ ଫଣ୍ଟରେ ଟାଇପ୍ କରିବେ ଯଥା ଅପ୍ରାନ୍ତ ଓଡ଼ିଆ / ଗୁଗୁଲ୍ ଓଡ଼ିଆ ଟ୍ରାନସ୍‌ଲିଟେରେସନ୍) କରି Microsoft Word Document ରେ ଆମ ନିକଟକୁ ପଠାନ୍ତୁ, କିମ୍ବା ଲେଖାକୁ ସ୍କାନ୍ କରି ଜେପିଇଜି ଫର୍ମାଟରେ ଇମେଲ୍ Attachment କରି ପଠାନ୍ତୁ । ଆମ ଇ-ମେଲ୍ ଠିକଣା ହେଲା -

**aahwaan@gmail.com**

ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ପ୍ରତିଷ୍ଠାତା-ସମ୍ପାଦକ, 'ଆହ୍ୱାନ'

**If you are interested to post your Business classified ads in different pages on this e-Magazine, do please contact us. We also offer full page and half page advertisements as well as we welcome sponsors for different stories and articles and also patrons for the e-Magazine.**

**aahwaan@gmail.com / 9040985463**

**News Site @ Rs 15,000, School / College Site @ Rs 12,000**
**MLM Website @ Rs 25,000, Domain Registration @ Rs 99**
**Free Updation and Maintenance of Your Website**
**Multi-lingual (Odia, English, Hindi) site at no extra cost**

---

*For all your website related needs*

# Web Design
# Web Development
# Web Hosting
# MLM site script
# News Site script
# Domain Registration
# Dynamic User site script

---

**Visit our website / give us a call: -**

## WWW.ODIAGURU.COM / 90409 85463